بِسْمِ اللّٰهِ الرَّحْمٰنِ الرَّحِيْمِ     نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ     وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 7

ସଂଖ୍ୟା 31-32

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ୍ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

04-11 ଅଗଷ୍ଟ 2022     04-11 ଜହୁର୍ 1401 ହି.ଶ     05-12 ମୁହର୍ରମ୍ 1444 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

رَبَّنَا لَا تَجْعَلْنَا فِتْنَةً لِّلَّذِيْنَ كَفَرُوْا وَاغْفِرْ لَنَا رَبَّنَا ۚ اِنَّكَ اَنْتَ الْعَزِيْزُ الْحَكِيْمُ ۝٦

(الممتحنة: 6)

ଅନୁବାଦ:- ''ହେ ଆମମାନଙ୍କର ପାଳନକର୍ତା ! ଆମମାନଙ୍କୁ, ଅବିଶ୍ୱାସକାରୀ ମାନଙ୍କ ପାଇଁ ଭ୍ରମର କାରଣ କରନାହିଁ, ଏବଂ ଆମମାନଙ୍କର ଦୋଷ କ୍ଷମାକର; ହେ ଆମମାନଙ୍କର ପାଳନକର୍ତା ! ତୁମ୍ଭେ ହିଁ ଅତ୍ୟନ୍ତ ପରାକ୍ରମୀ (ଓ) ତତ୍ୱଜ୍ଞ ।''

(ସୁରଃ ଅଲ୍‌ମୁମ୍‌ତହନଃ:୦୬)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

## ଈଶ୍ୱର ଏ ଶିକ୍ଷା ଦେଇଛନ୍ତି ଯେ ଜିହ୍ୱାକୁ ନିୟନ୍ତ୍ରଣରେ ରଖାଯିବା ଉଚିତ । ନିରର୍ଥକ,ଅବୋଧ,ଅନୁପଯୁକ୍ତ ଏବଂ ଅନାବଶ୍ୟକ କଥା ବାର୍ତାରୁ ଦୂରେଇରହିବା ଉଚିତ ।

### ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଏବେ ଏହି ସମସ୍ତ କଥାରୁ ବୁଝାପଡୁଛି ଯେ ପ୍ରକୃତ ଧର୍ମପରାୟଣତା ବିନା କୌଣସି ଶାନ୍ତି କି କୌଣସି ଖୁସି ମିଳି ହିଁ ପାରିବ ନାହିଁ । ଏକଥା ଜାଣି ରଖିବା କଥା ଯେ ତକଓ୍ୱା(ଅର୍ଥାତ୍ ଧର୍ମପରାୟଣତା)ର ବହୁତ କ୍ଷେତ୍ର ରହିଛି , ଯାହା ବୁଢ଼ିଆଣି ଜାଲ ପରି ବ୍ୟାପି ରହିଛି । ତକଓ୍ୱା ସମସ୍ତ ମାନବ ସମାଜ , ବିଶ୍ୱାସ , ଭାଷା ଏବଂ ନୈତିକତା ଇତ୍ୟାଦି ସହିତ ଜଡ଼ିତ । ଅତ୍ୟନ୍ତ ସୂକ୍ଷ୍ମ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଭାଷା ସହିତ ରହିଛି । ବେଳେ ବେଳେ ଜଣେ ତକଓ୍ୱା ଠାରୁ ଦୂରେଇ ଗୋଟିଏ କଥା କହିଦେଇଥାଏ ଏବଂ ମନେ ମନେ ଏହା ଭାବି ଖୁସି ହୋଇଥାଏ ଯେ ମୁଁ ଏମିତି କଥା କହିଛି ବା ସେମିତି କଥା କହିଦେଇଛି । ଯେବେକି ସେହି କଥା ବହୁତ ଖରାପ କଥା ହୋଇଥାଏ । ମତେ ଗୋଟିଏ ଉଦ୍ଧୃତାଂଶ ମନେପଡୁଛି ଯେ ଜଣେ ବୃଦ୍ଧଙ୍କୁ କେହି ଜଣେ ସାଂସାରକ ବ୍ୟକ୍ତି ନିମନ୍ତ୍ରଣ କଲା । ଯେବେ ସେହି ବୃଦ୍ଧ ଜଣକ ଖାଦ୍ୟ ଖାଇବା ପାଇଁ ଗଲେ , ସେତେବେଳେ ସେହି ସାଂସାରିକ ଲୋକଜଣକ ନିଜ ଚାକରକୁ କହିଲା ଯେ ଯାଇ ସେହି ଥାଳିଟିକୁ ଘେନି ଆଣ ଯାହାକୁ ଆମ୍ଭେ ପ୍ରଥମ ହଜ ସମୟରେ ଆଣିଥିଲୁଁ । ପୁଣି କହିଲା ଯାଇ ଦ୍ୱିତୀୟ ଥାଳିଟିକୁ ଘେନି ଆଣ ଯାହାକୁ ଆମ୍ଭେ ଦ୍ୱିତୀୟ ଥର ହଜ କରିବା ସମୟରେ ଆଣିଥିଲୁଁ । ପୁଣି କହିଲା ତୃତୀୟ ହଜ ସମୟରେ ଆଣିଥିବା ଥାଳିଟିକୁ ବି ଘେନି ଆଣ । ସେହି ବୃଦ୍ଧ ଜଣକ କହିଲେ ଯେ ତୁ ତ ବହୁତ ଦୟାର ପାତ୍ର । ତୁ ଏହି ତିନୋଟି ବାକ୍ୟ କହି ନିଜର ତିନି ତିନିଟା ହଜକୁ ସର୍ବନାଶ କରିଦେଲୁ । ତୋ କହିବାର କେବଳ ଏତିକି ଅର୍ଥ ଥିଲା ଯେ , ତୁ ଏକଥା ପ୍ରକାଶ କରିବାକୁ ଚାହୁଁଥିଲୁ ଯେ ତୁ ତିନି ଥର ହଜ୍ କରିସାରିଛୁ । ତେଣୁ ଈଶ୍ୱର ଏ ଶିକ୍ଷା ଦେଇଛନ୍ତି ଯେ ଜିହ୍ୱାକୁ ନିୟନ୍ତ୍ରଣରେ ରଖାଯିବା ଉଚିତ । ନିରର୍ଥକ, ଅବୋଧ, ଅନୁପଯୁକ୍ତ ଏବଂ ଅନାବଶ୍ୟକ କଥା ବାର୍ତାରୁ ଦୂରେଇରହିବା ଉଚିତ ।

ଏହି ଜିହ୍ୱା (କଥା) ଦ୍ୱାରା ହିଁ ମଣିଷ ତକ୍‌ଓ୍ୱା (ଧର୍ମପରାୟଣତା)ରୁ ଦୂରେଇଯାଇଥାଏ । ଏହି ଜିହ୍ୱା ଦ୍ୱାରା ହିଁ ସେ ଅଂହକାର କରିଥାଏ , ଏହି ଜିହ୍ୱା ଯୋଗୁଁ ହିଁ ତା ମଧ୍ୟରେ ଫିରୌନୀୟ ଗୁଣ ସୃଷ୍ଟି ହୋଇଥାଏ ଏବଂ ଏହି ଜିହ୍ୱା ଦ୍ୱାରା (ଅର୍ଥାତ ଏହି ଭାଷା ଯୋଗୁଁ ) ହିଁ ସେ ନିଜର ଲୁକ୍କାୟିତ କର୍ମକୁ ଲୋକଦେଖାଣିଆ ଭାବରେ ପ୍ରକାଶ କରିଥାଏ । ଭାଷାର ଦୁର୍ବଳତା ବହୁତ ଶୀଘ୍ର ସୃଷ୍ଟି ହୋଇଯାଏ । ହଦିସ ଶରିଫରେ ଆସିଛି ଯେ ଯେଉଁ ଲୋକ ନାଭି ତଳର ଅଙ୍ଗ ତଥା ନିଜ ଜିହ୍ୱାକୁ ମନ୍ଦ କାର୍ଯ୍ୟରୁ ବଂଚାଇ ରଖେ, ତା ବୈକୁଣ୍ଠ ପ୍ରାପ୍ତି କରିବାର ଦାୟୀ ହେଉଛି ମୁଁ ନିଜେ । ହରାମ୍ (ଅବୈଧ) ଜିନିଷକୁ ଭକ୍ଷଣ କରିବା ଏତେ କ୍ଷତି ପଂହଚାଇ ନଥାଏ, ଯେତେ ମାତ୍ରାରେ ମିଥ୍ୟା ପଂହଚାଇଥାଏ । ଏକଥାରୁ କୌଣସି ଲୋକ ଏହା ନ ଭାବନ୍ତୁ ଯେ ହରାମ ଖାଇବା କୌଣସି ଭଲ ଜିନିଷ ବୋଲି । ଏମିତି ବୁଝିବା ଭିଷଣ ଭୁଲ । ମୋ କହିବାର ଉଦ୍ଦେଶ୍ୟ ହେଉଛି ଏହା କି ଯଦି କୌଣସି ବ୍ୟକ୍ତି ବିବଶତାର ଶିକାର ହୋଇ ଘୁଷୁରୀ (ମାଂସ) ଖାଇଦିଏ ତାହା ଏକ ଭିନ୍ନ ପ୍ରସଙ୍ଗ । କିନ୍ତୁ ଯଦି ସେ ନିଜ ମୁହଁ ଦ୍ୱାରା ଖିନ୍‌ଜିର୍(ଘୁଷୁରୀ)ର ଫତଓ୍ୱା ଦିଏ, ତାହେଲେ ସେ ଇସଲାମରୁ ବାହାରି ଯାଏ । ଅଲ୍ଲାଃତାଲାଙ୍କ ଦ୍ୱାରା ହରାମ୍ (ନିଷେଧ)କରାଯାଇଥିବା ଜିନିଷକୁ ହଲାଲ୍ (ଆଇନିଗତ ବୈଧ) ବିବେଚନା କରିଥାଏ । ଅତେବ ଏଥିରୁ ଜଣାପଡ଼େ ଯେ ଭାଷାର ଅପବ୍ୟବହାର ଅତ୍ୟନ୍ତ ବିପଜ୍ଜନକ । ସେଥି ସକାଶେ ଜଣେ ମୁତ୍‌ତକି (ଅର୍ଥାତ ଜଣେ ଧର୍ମପରାୟଣ) ବ୍ୟକ୍ତି ନିଜର ଜିହ୍ୱାକୁ ବହୁତ ନିୟନ୍ତ୍ରଣରେ ରଖିଥାଏ । ତା ମୁହଁରୁ ଏମିତି କିଛି କଥା ବାହାରି ନଥାଏ , ଯାହା ତକଓ୍ୱା (ଅର୍ଥାତ ଧର୍ମପରାୟଣ) ବିରୁଦ୍ଧ ହୋଇଥିବ । ତେଣୁ ତୁମେ ନିଜ ଜିହ୍ୱା ଉପରେ ଶାସନ କର । ଏପରି ନହେଉ କି ତୁମର ଜିହ୍ୱା (ଅର୍ଥାତ ତୁମର ଭାଷା) ତୁମ ଉପରେ ଶାସନ କରୁ ଏବଂ ଅନାପ ସନାପ କହିଚାଲୁ ।

ପ୍ରତ୍ୟେକ କଥା କହିବା ପୂର୍ବରୁ ଭଲଭାବରେ ଚିନ୍ତାକରି ଦେଖିନିଅ ଯେ ଏହାର ଫଳାଫଳ କ'ଣ ହେବ । ଏହା କହିବାରେ ଅଲ୍ଲାଃତାଲା କେତେମାତ୍ରାରେ ଅନୁମତି ଦେଇଛନ୍ତି । ଯେ ପର୍ଯ୍ୟନ୍ତ ଏପରି ଚିନ୍ତାଧାରା ନାହିଁ , କିଛି କୁହନାହିଁ । ଯେଉଁକଥା କହିଲେ ତାହା ଦୁଷ୍ଟାମୀ ବା ବିଭ୍ରାଟ ସୃଷ୍ଟି କରିବାର କାରଣ ହୋଇଥାଏ, ତାହା ନ କହିବା ଭଲ । କିନ୍ତୁ ଏହା ମଧ୍ୟ ଜଣେ ମୋମିନର ବୈଭବ (ଶାନ୍ , ଗୌରବ) ଠାରୁ ବହୁ ଦୂରରେ ଯେ ସେ ସତ୍ୟକଥାକୁ ପ୍ରକାଶ କରିବାରୁ ନିଜକୁ ରୋକି ରଖୁ । ସେତେବେଳେ ସେ କୌଣସି ଭର୍ତ୍ସନାକାରୀର ଭର୍ତ୍ସନା ତଥା ଭୟରେ ନିଜ ମୁହଁକୁ ନ ରୋକୁ । ଦେଖନ୍ତୁ ଆମ୍ଭ ନବୀ ସ ଆ ସ ଯେବେ ନିଜର ନବୁଓ୍ୱତ୍‌ର ଘୋଷଣା କଲେ ,ସେତେବେଳେ ନିଜ ଓ ପର ସମସ୍ତେ ଶତ୍ରୁ ପାଲଟି ଗଲେ । କିନ୍ତୁ ମହାଭାଗ ସ ଆ ସ କ୍ଷଣକ ପାଇଁ ସୁଧା କାହାର ପରବାଏ କଲେ ନାହିଁ । ଏପରିକି ଯେବେ ଅବୁ ତାଲିବ୍ , ଆପଣ ସ ଆ ସଙ୍କ ଚାଚା ଲୋକମାନଙ୍କ ଅଭିଯୋଗ ରେ ଥକି ଯାଇ (ଆପଣ ସ ଆ ସଙ୍କୁ ଏଥିରୁ ନିବୃତ ରହିବା ନମନ୍ତେ)କହିଲେ । ସେତେବେଳେ ମଧ୍ୟ ଆପଣ ସ ଆ ସ ସ୍ପଷ୍ଟ ଭାବରେ ଏହା କହିଲେ ଯେ ମୁଁ ଏହି (ସତ୍ୟକୁ) ପ୍ରକାଶ କରିବାରୁ ନିବୃତ ରହିପାରିବି ନାହିଁ । (ହେ ଚାଚା !) ଏବେ ଆପଣଙ୍କୁ ଏ ଅକ୍ତଆର ଅଛି ଯେ ଆପଣ ମୋତେ ସମର୍ଥନ କରନ୍ତୁ ବା ନକରନ୍ତୁ ।

**(ମଲଫୁଜାତ୍ ଖ-୦୧ ପୃ-୩୮୧-୩୮୨ ,ମୁଦ୍ରିତ ୨୦୧୮ କାଦିଆନ୍)**

## ନବୀ ସ:ଆ:ସଙ୍କ ବାଣୀ

### ହଜରତ୍ ଦାଉଦ୍ (ଆ ସ)ନିଜ ହାତରେ ରୋଜଗାର କରି ଜୀବିକା ନିର୍ବାହ କରୁଥିଲେ ।

(୨୦୭୨) ହଜରତ୍ ମିକଦାମ୍ (ବିନ୍ ମା'ଦି କରବ୍)ର ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ସେ କୁହନ୍ତି ନବି କରିମ୍ ସ ଆ ସ କହିଛନ୍ତି ଯେ ମଣିଷ ନିଜେ ନିଜ ହାତରେ ରୋଜଗାର କରି ଖାଇବା ଅପେକ୍ଷା ଉତମ ଖାଦ୍ୟ ଆଉ କିଛି ନାହିଁ । ଏବଂ ଅଲ୍ଲାଃତାଲାଙ୍କ ନବି ହଜରତ୍ ଦାଉଦ୍ ଆ ସ ନିଜ ହାତରେ ରୋଜଗାର କରି ଚଳୁଥିଲେ ।

**ସ୍ୱଚ୍ଛଳବର୍ଗର ଲୋକମାନଙ୍କ ସହିତ ନମ୍ର ଆଚରଣ କରିବା ଏବଂ ଅଭାବୀ ଲୋକଙ୍କୁ ମହଲତ ଦେବା**

(୨୦୭୭) ନବିକରିମ୍ ସ ଆ ସ କହିଛନ୍ତି:ତୁମମାନଙ୍କ ପୂର୍ବରୁ ଯେଉଁମାନେ ଥିଲେ, ସେମାନଙ୍କ ମଧ୍ୟରୁ ଜଣକର ଆତ୍ମାକୁ ଯେବେ ଫରିସ୍ତା (ଦେବଦୂତ) ସ୍ୱାଗତ କଲେ ,ପଚାରିଲେ ଯେ: କ'ଣ ତୁମେ କୌଣସି ପୂଣ୍ୟକର୍ମ କରିଛ ? ଏଥିରେ ସେ କହିଲା :ମୁଁ ଯୁବକ ମାନଙ୍କୁ ଏହା ନିର୍ଦ୍ଦେଶ ଦେଉଥିଲି ଯେ ସେମାନେ ସ୍ୱଚ୍ଛଳବର୍ଗର ଲୋକମାନଙ୍କୁ ମହଲତ ଦିଅନ୍ତୁ ଏବଂ କ୍ଷମା କରନ୍ତୁ । (ହଜରତ୍ ହୁଜୈଫା ର ଅ କୁହନ୍ତି ଯେ ନବି ସ ଆ ସ) କହିଲେ : ଫରିସ୍ତାମାନେ ବି ତା ସହିତ କ୍ଷମା ଆଚରଣ କଲେ । ଆଉ ଏକ ରିଓ୍ୱାୟତରେ ଆସିଛି ଯେ ସେ କହିଲା ମୁଁ ସ୍ୱଚ୍ଛଳବର୍ଗର ଲୋକମାନଙ୍କ ସହିତ ନମ୍ର ଆଚରଣ କରୁଥିଲି ଏବଂ ଅଭାବୀ ଲୋକମାନଙ୍କୁ ମହଲତ ଦେଉଥିଲି ।

(୨୦୭୮) ନବି କରିମ୍ ସ ଆ ସ କହିଛନ୍ତି:ଜଣେ ବ୍ୟବସାୟୀ ଥିଲା , ଯିଏ ଲୋକମନଙ୍କୁ କରଜ ଆକାରରେ ଧନ ଦେଉଥିଲା । ଯେବେ ସେ ଅଭାବୀ ଲୋକମାନଙ୍କୁ ଦେଖୁଥିଲା ,ସେ ନିଜ ଯୁବକ ମାନଙ୍କୁ କହୁଥିଲା ଯେ : ତାଙ୍କୁ କ୍ଷମା କରିଦିଅ । କାଳେ ଏହାଦ୍ୱାରା ଅଲ୍ଲାଃତାଲା ବି ଆମକୁ କ୍ଷମା କରିଦେବେ । ସୁତରାଂ ଅଲ୍ଲାଃତାଲା ତାକୁ କ୍ଷମା କରିଦେଲେ ।

*(ସହି ବୁଖାରୀ, ଖଣ୍ଡ-୪,କିତାବୁଲ୍ ବୁୟୁ, ମୁଦ୍ରିତ କାଦିଆନ୍ ୨୦୦୮)*

*ପୃଷ୍ଠା- ୧୨ ରେ ଅବଶିଷ୍ଟାଂଶ .....*

ହଜରତ ଖାଲିଦ୍ ର ଅଙ୍କ ବିବାହ ସମ୍ପର୍କରେ ଆଉ ଏକ ଗବେଷକ ଉଲ୍ଲେଖ କରନ୍ତି ଯେ : ଉମ୍ମେ ତମିମ୍‌ଙ୍କ ନାମ ଲୈଲା ବିନତ୍ ସନାନ୍ ମିନ୍‌ହାଲ୍ ଥିଲା । ସେ ମାଲିକ ବିନ୍ ନୌଏରାଃଙ୍କ ପତ୍ନୀ ଥିଲେ । ହଜରତ ଖାଲିଦ ର ଅ ତାଙ୍କୁ ବିବାହ କରିବା ନିମନ୍ତେ ବହୁତ ଯୁଦ୍ଧର ସମ୍ମୁଖିନ ହୋଇଥଲେ । ଉକ୍ତ ଘଟଣାର ସାରାଂଶ ଏହିକି ଯେ, କେତେକ ଲୋକ ହଜରତ ଖାଲିଦ ର ଅଙ୍କ ଉପରେ ଏହି ଲାଞ୍ଛନା ଲଗାନ୍ତି ଯେ ସେ ଉମ୍ମେ ତମିମ୍ ଲୈଲା ବିନତ୍ ମିନ୍‌ହାଲ୍‌ଙ୍କ ସୌନ୍ଦର୍ଯ୍ୟରେ ମୋହିତ ହୋଇ ପାଗଳ ହୋଇଯାଇଥିଲେ ଏବଂ ତାଙ୍କୁ ପ୍ରେମ କରୁଥିଲେ ତେଣୁ ସେ ଆଉ ଧୈର୍ଯ୍ୟ ରକ୍ଷା ନ କରିପାରି ଉମ୍ମେ ତମିମ୍‌ଙ୍କୁ କଏଦୀ ଅବସ୍ଥାରେ ଆଣିବା କ୍ଷଣି ହିଁ ବିବାହ କରିନେଇଥିଲେ । ଏହାର ଅର୍ଥ ଏହା ନୁହେଁ ଯେ, ନଉଜୁବିଲ୍ଲା ଏହା କୌଣସି ବିବାହ ନଥିଲା ବରଂ ବଳାତ୍କାର ଥିଲା । କିନ୍ତୁ ଏହି କଥାଟି ସମ୍ପୁର୍ଣ୍ଣ ରୂପେ କାଳ୍ପନିକ ଓ ମିଥ୍ୟା ରଚନା ଯାହାକୁ କେହି ବିଶ୍ୱାସ କରିବେନାହିଁ । କାରଣ ପ୍ରାଚୀନ ଓ ଉଦ୍‌ଗମ ଆଡ଼କୁ ଇଙ୍ଗିତ ମଧ୍ୟ ମିଳେନାହିଁ ଓ କୌଣସି ପ୍ରମାଣ ନାହିଁ ଯାହା ଏହି ଘଟଣାକୁ ପ୍ରମାଣ କରିପାରୁଥିବ ।

ଅଲାମା ମାଓ୍ୱର୍ଦି କୁହନ୍ତି ଯେ, ହଜରତ ଖାଲିଦ ର ଅ ମାଲିକ ବିନ୍ ନୌଏରାଃଙ୍କୁ କେବଳ ଏଥିପାଇଁ ବନ୍ଧ କରିଥିଲେ ଯେ, ସେ ଜକାତ୍‌ର ଅର୍ଥ ଅଟକାଇ ରଖିଥିଲେ, ଲୋକଙ୍କଠାରୁ ଯେଉଁ ଜକାତ୍ ଆଦାୟ କରିଥିଲେ ତାହାକୁ ସେ ମୁସଲମାନମାନଙ୍କ କେନ୍ଦ୍ରସ୍ଥଳୀ ମଦିନା ପ୍ରେରଣ କରିନଥିଲେ । ଏହି କାରଣରୁ ତାହାର ରକ୍ତ ମୁସଲମାନମାନଙ୍କ ଉପରେ ବୈଧ ହୋଇଯାଇଥିଲା ଏବଂ ଏହି କାରଣରୁ ଉମ୍ମେ ତମିମ୍‌ଙ୍କ ସହିତ ତା'ର ନିକାହ୍ ବାତିଲ ହୋଇଯାଇଥିଲା । ମୁରତଦ୍ଦମାନଙ୍କ ଅର୍ଥାତ ବିଧର୍ମୀମାନଙ୍କ ମହିଳାମାନଙ୍କ ସଂକ୍ରାନ୍ତରେ ଏହି ଆଦେଶ ରହିଛି ଯେ, ଯେତେବେଳେ ସେମାନେ ଯୁଦ୍ଧର କେନ୍ଦ୍ରସ୍ଥଳୀ ପର୍ଯ୍ୟନ୍ତ ପହଂଚିଯିବେ ସେତେବେଳେ ସେମାନଙ୍କୁ କେବଳ ବନ୍ଦୀ କରାଯାଉ ହତ୍ୟା ନକରାଯାଉ । ଯେପରି କି ଇମାମ୍ ସର୍‌ଖସି ଏହକଥା ପ୍ରତି ଇଙ୍ଗିତ କରିଛନ୍ତି ଯେ ଯେତେବେଳେ କଏଦ ହୋଇ ମିଲ୍‌ହାନ୍ ଆସିଲେ ସେତେବେଳେ ହଜରତ ଖାଲିଦ ର ଅ ତାଙ୍କୁ ନିଜ ପାଇଁ ମନୋନୀତ କରିନେଇଥିଲେ । ଆଉ ଯେତେବେଳେ ତାଙ୍କର ଇଦ୍ଦତ୍ ଶେଷ ହୋଇଗଲା ହଜରତ ଖାଲିଦ ର ଅ ତାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ପ୍ରେରଣ କରିଥିଲେ । ପୁଣି ବିବାହ କରିଥିଲେ । ଶେଖ୍ ଅହେମଦ୍ ଶାକିର୍ ଉକ୍ତ ପ୍ରସଙ୍ଗ ଉପରେ ରହିତା ଦେଶ କରି ଅତିରିକ୍ତ ଭାବରେ ସ୍ପଷ୍ଟ କରିଛନ୍ତି ଯେ, ହଜରତ ଖାଲିଦ ର ଅ ଉମ୍ମେ ତମିମ୍ ଓ ତାହାଙ୍କ ପୁତ୍ର ତମିମ୍‌ଙ୍କୁ ମିଲକେ ୟମିନ୍ ଅର୍ଥାତ ଡାହାଣ ହାତର ମାଲିକ ହିସାବରେ ଗ୍ରହଣ କରିଥିଲେ । କାରଣ ଉମ୍ମେ ତମିମ୍ ଯୁଦ୍ଧରେ ବନ୍ଦୀ ହୋଇ ଆସିଥିଲେ ଏବଂ ଏହିପରି ମହିଳାମାନଙ୍କ ପାଇଁ କୌଣସି ଇଦ୍ଦତ୍ ନଥିଲା । ଯଦି ସେ ଗର୍ଭବତି ହୋଇଥାନ୍ତେ ତେବେ ପ୍ରସବ ପର୍ଯ୍ୟନ୍ତ ତାଙ୍କ ନିକଟରେ ତାଙ୍କର ମାଲିକ ରହିବା ଅବୈଧ ଥିଲା । ଯଦି ସେ ଗର୍ଭବତି ନଥିଲେ ତେବେ କେବଳ ଥରେ ମାତ୍ର ଋତୁସ୍ରାବ ଆସିବା ଦ୍ୱାରା ହିଁ ସେ ତାଙ୍କଠାରୁ ଦୁରେଇ ରହିବେ । ଏହା ବିଧିସମ୍ପନ୍ନ ଏବଂ ବୈଧ୍ୟ ଯେ ତାଙ୍କ ପ୍ରତି ନିନ୍ଦା ଓ ବ୍ୟଙ୍ଗ ବିଦ୍ରୁପ ପ୍ରଦର୍ଶନ କରିବାର କୌଣସି ସ୍ଥାନ ନାହିଁ । କିନ୍ତୁ ହଜରତ ଖାଲିଦ ର ଅଙ୍କ ବିରୋଧି ଓ ଶତ୍ରୁମାନଙ୍କ ପାଇଁ ଏହା ଏକ ସୁବର୍ଣ୍ଣସୁଯୋଗ ଥିଲା ଯାହାକୁ ସେମାନେ କଦାପି ହାତଛଡ଼ା କରିବାକୁ ଚାହୁଁନଥିଲେ । ସୁତରାଂ ସେମାନେ ଏହି ମିଥ୍ୟା କଥା ପ୍ରଘଟ କଲେ ଯେ, ମାଲିକର ପତ୍ନୀ ଲୈଲାକୁ ବିବାହ କରିବା ସକାଶେ ହଜରତ ଖାଲିଦ ର ଅ ମାଲିକକୁ ହତ୍ୟା କରାଇଦେଇଛନ୍ତି ଏବଂ ଏପରିଭାବରେ ସେ ଆରବୀୟ ପ୍ରଥା ଓ ପରମ୍ପରାର ବିରୋଦ୍ଧାଚରଣ କରିଛନ୍ତି ।

ସୁତରାଂ ଅକ୍କାଦଙ୍କ କହିବା ଅନୁଯାୟୀ ହଜରତ ଖାଲିଦ ର ଅ ମାଲିକ ବିନ୍ ନୌଏରାଃଙ୍କୁ ବନ୍ଧ କରି ତା'ର ପତ୍ନୀ ସହିତ ଯୁଦ୍ଧ ଭୂମିରେ ହିଁ ବିବାହ କରିନେଇଥିଲେ । ଯେବେକି ତାହା ଅଶିକ୍ଷିତ ଯୁଗରେ ବି ଓ ଇସ୍‌ଲାମ୍ ଧର୍ମରେ ବି ଆରବୀୟ ଅଭ୍ୟାସ, ଚଳଣି, ରିତିନୀତି ଓ ପରମ୍ପରା ବିରୋଦ୍ଧୀୟ ଥିଲା । ସେହିପରି ମୁସଲମାନମାନଙ୍କର ଅଭ୍ୟାସ ଓ ଇସ୍‌ଲାମୀୟ ଧର୍ମ ବିଧାନ ଓ ଆଦେଶାବଳୀର ଖୋଲାଖୋଲି ଉଲ୍ଲଙ୍ଘନ ଥିଲା । ତେଣୁ ଅକ୍କାଦର ଏହି କଥା ସତ୍ୟଠାରୁ ସମ୍ପୁର୍ଣ୍ଣରୂପେ ଦୂରରେ । ଆରବୀୟଙ୍କ ନିକଟରେ ଇସ୍‌ଲାମ୍ ଧର୍ମ ପୂର୍ବରୁ ଅନେକ ଥର ଏପରି ହୋଇଛି ଅର୍ଥାତ ଯୁଦ୍ଧ କ୍ଷେତ୍ରରେ ମୁସଲମାନମାନେ ଶତ୍ରୁପକ୍ଷ ଉପରେ ବିଜୟ ଲାଭ କରିବା ପରେ ସେମାନଙ୍କ ମହିଳାମାନଙ୍କ ସହିତ ବିବାହ କରୁଥିଲେ ଏବଂ ଏପରି କରି ସେମାନେ ଗର୍ବିତ ଅନୁଭବ କରୁଥିଲେ ।

ଡ଼ାକ୍ତର ଅଲୀ ମୁହମ୍ମଦ ସଲାବି ଏ ସଂକ୍ରାନ୍ତରେ ଉଲ୍ଲେଖ କରନ୍ତି ଯଦି ଉକ୍ତ ଘଟଣାକୁ ଧାର୍ମିକ ଦୃଷ୍ଟିକୋଣରୁ ଅନୁଧ୍ୟାନ କରାଯାଏ ତେବେ ହଜରତ ଖାଲିଦ ର ଅ ସଠିକ କାର୍ଯ୍ୟ କରିଛନ୍ତି ଏବଂ କୌଣସି ପ୍ରକାର ଆଦେଶାବଳୀ ବା ଧର୍ମାଦେଶର ଉଲ୍ଲଙ୍ଘନ କରିନାହାନ୍ତି । ଉଦାହରଣ ସ୍ୱରୁପ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ମୁରୈସି ଯୁଦ୍ଧ ଅବସରରେ ଜୁଓ୍ୱେରିୟା ବିନ୍‌ତ ହାରିସ୍‌ଙ୍କ ସହିତ ବିବାହ କରିନେଇଥିଲେ । ଜୁଓ୍ୱେରିୟା ନିଜ ସମ୍ପ୍ରଦାୟ ପାଇଁ ଅତ୍ୟନ୍ତ ମଙ୍ଗଳପ୍ରଦ ସାବ୍ୟସ୍ତ ହୋଇଥିଲେ । ତାଙ୍କର ବିବାହ ଯୋଗୁଁ ତାଙ୍କ ବଂଶର ୧୦୦ ଜଣ ବ୍ୟକ୍ତି ଯିଏ କି କଏଦୀ ଭାବରେ ଥିଲେ, ମୁକ୍ତି ଲାଭ କରିନେଇଥିଲେ କାରଣ ସେମାନେ ହଜୁର ସ ଆ ସଙ୍କ ଶ୍ୱଶୁର ଘର ସମ୍ପର୍କୀୟ ପାଲଟି ଯାଇଥିଲେ । ପୁଣି ଜୁଓ୍ୱେରିୟାଙ୍କ ପିତା ହାରିସ୍ ବିନ୍ ଜିରାର୍ ମଧ୍ୟ ମୁସଲମାନ ହୋଇଯାଇଥିଲେ । ଏହିପରି ହଜୁର ସ ଆ ସ ଖୈବର ଯୁଦ୍ଧ ସମୟରେ ସଫିୟା ବିନ୍‌ତ ହୁଇ ବିନ୍‌ତ ଅଖ୍‌ତବ୍‌ଙ୍କ ସହିତ ବିବାହ କରିଥିଲେ । ସୁତରାଂ ହଜରତ ଖାଲିଦ ର ଅଙ୍କ ଏଭଳି କାର୍ଯ୍ୟରେ ଅର୍ଥାତ ଲୈଲାଙ୍କୁ ବିବାହ କରିବା ପ୍ରସଙ୍ଗରେ କୌଣସି ନିନ୍ଦା କିମ୍ବା ରୋଷ କରିବାର ସ୍ଥାନ ନାହିଁ କାରଣ ଯେତେବେଳେ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ଯେ କି ଇସ୍‌ଲାମ୍ ଧର୍ମର ସଂସ୍ଥାପକ ତାଙ୍କର ଏଭଳି ଆଚରଣ ରହିଛି, ସେତେବେଳେ ହଜରତ ଖାଲିଦ ର ଅଙ୍କ ଉପରେ ଏଭଳି କାର୍ଯ୍ୟରେ ଦୋଷାରୋପ କରିବା ସମ୍ପୁର୍ଣ୍ଣ ରୂପେ ଭୁଲ ଅଟେ । **(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ଡାକ୍ତର ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ , ପୃ-୩୩୪-୩୩୬, ମକତବଃ ଅଲଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍ )**

ସୁତରାଂ ମୁଁ ହଜରତ୍ ଖାଲିଦ୍ ବିନ୍ ଓ୍ୱଲିଦ ର ଅଙ୍କ ଉପରେ ଯେଉଁ ଆରୋପ ଲଗାଯାଉଅଛି ସେ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଏଥିପାଇଁ ପ୍ରଦାନ କରିଦେଲି ଯେ, କେତେକ ଅଜ୍ଞାତ ଲୋକ ଆଜିକାଲି ଏହି ପ୍ରଶ୍ନ ଉତ୍‌ଥାପିତ କରନ୍ତି ଏବଂ ପ୍ରକୃତରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଉପରେ ହିଁ ଏହି ଆପତି କରାଯାଇଥାଏ ଯେ ହଜରତ ଉମର ର ଅ ଠିକ୍ ଥିଲେ ଏବଂ ନଉଜୁବିଲ୍ଲା ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ନ୍ୟାୟକୁ ପ୍ରତିଷ୍ଠା କଲେନାହିଁ ଏବଂ ଭୁଲ୍ ଢ଼ଙ୍ଗରେ ହଜରତ ଖାଲିଦ ର ଅଙ୍କ ସମର୍ଥନ କରି ତାଙ୍କୁ କ୍ଷମା କରିଦେଇଥିଲେ ।

ହଜରତ ଖାଲିଦ ର ଅଙ୍କ ୟମାମା ଅଭିମୁଖେ ଅଗ୍ରସର ହେବା ପ୍ରସଙ୍ଗରେ ବର୍ଣ୍ଣନା ମିଳେ ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅଙ୍କୁ ଏହି ଆଦେଶ ଦେଇଥିଲେ ଯେ ସେ ଅସଦ୍ ସମ୍ପ୍ରଦାୟ, ଗତ୍‌ଫାନ୍ ସମ୍ପ୍ରଦାୟ ଓ ମାଲିକ ବିନ୍ ନୌଏରାଃ ଆଦିଙ୍କଠାରୁ ନିବୃତ ହେବା ପରେ ସେମାନଙ୍କ ମାମଲା ସମାଧାନ କରିବା ପରେ ୟମାମା ଆଡ଼କୁ ଅଗ୍ରସର ହେବେ ଏବଂ ଏଥିପାଇଁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ ତାଗିଦ୍ କରିଥିଲେ । ଶରିକ୍ ବିନ୍ ଅବ୍‌ଦାଃ ଫଜାରି ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଯିଏ ବୁଜାଖା ଯୁଦ୍ଧରେ ସାମିଲ ଥିଲା । ଅତଏବ ମୁଁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ସେବାରେ ଉପସ୍ଥିତ ହେଲି । ଆପଣ ମତେ ଖାଲିଦ ର ଅଙ୍କ ଆଡ଼କୁ ପ୍ରେରଣ କଲେ । ମୋ ସହିତ ହଜରତ ଖାଲିଦ ର ଅଙ୍କ ନାମରେ ଏକ ପତ୍ର ମଧ୍ୟ ଉଲ୍ଲେଖ କରି ମତେ ଦେଲେ । ସେଥିରେ ଲେଖାଥିଲା ଯେ ଅମ୍ମାବାଦ୍ ତୁମର ସନ୍ଦେଶ ବାହକ ମାଧ୍ୟମରେ ମୋତେ ତୁମର ପତ୍ର ପ୍ରାପ୍ତ ହୋଇଛି । ତୁମେ ବୁଜାଖା ଯୁଦ୍ଧରେ ଅଲ୍ଲାଃ ତାଲାଙ୍କ ବିଜୟ ଓ ସାହାଯ୍ୟର ଯେଉଁ ଶିଖର ଚଢ଼ି ଯାଇଛ ଓ ଅସଦ୍ ଓ ଗତ୍‌ଫାନ୍ ସହିତ ତୁମେ ଯେଉଁ ବ୍ୟବହାର ପ୍ରଦର୍ଶନ କରିଛ ତାହା ଏଥିରେ ଚର୍ଚ୍ଚା କରାଯାଇଅଛି । ଅର୍ଥାତ ହଜରତ ଖାଲିଦ ର ଅଙ୍କ ପତ୍ରର ପ୍ରତ୍ୟୁତରରେ ଏହି ପତ୍ର ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ ପ୍ରେରଣ କରିଥିଲେ ଯେ, ମୁଁ ୟମାମା ଅଭିମୁଖେ ବାହାରୁଛି ଯାହାକି ସେ ଉଲ୍ଲେଖ କରିଥିଲେ । ଏଥିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ ଓ୍ୱସିୟତ କଲେ ଯେ, ଅଲ୍ଲାଃ ତାଲା ଯିଏ ହେଉଛନ୍ତି ଏକ ଓ ଅଦ୍ୱିତୀୟ । ତାହାଙ୍କ ସକାଶେ ତୁମେ ଧର୍ମପରାୟଣ ହୁଅ ଏବଂ ମୁସଲମାନମାନଙ୍କ ସହିତ ନମ୍ରତା ଆଚରଣ ପ୍ରଦର୍ଶନ କର । ସେମାନଙ୍କ ସହିତ ପିତାଙ୍କ ପରି ବ୍ୟବହାର କର । ହେ ଖାଲିଦ୍! ସାବଧାନ ବନି ମୁଗିରାର ଅହମିକା ଓ ଅହଙ୍କାରରୁ ବଂଚି ରହିବ । ମୁଁ ତୁମ ସଂକ୍ରାନ୍ତରେ ସେମାନଙ୍କର କଥା ଗ୍ରହଣ କଲିନାହିଁ ଯେଉଁମାନଙ୍କ କଥା ମୁଁ କେବେ ଟାଳୁନଥିଲି । ଅତଏବ ତୁମେ ଯେତେବେଳେ ବନୁ ହନିଫା ସହିତ ଯୁଦ୍ଧ କରିବା ପାଇଁ ବାହାରିବ ତେବେ ଖୁବ୍ ସତର୍କ ରହିବ । ମନେରଖ ବନୁ ହନିଫା ଭଳି ତୁମର ଅଦ୍ୟାବଧି ଅନ୍ୟ କୌଣସି ସମ୍ପ୍ରଦାୟ ସହିତ ମୁକାବିଲା ହୋଇନାହିଁ । ସେମାନେ ସମସ୍ତେ ତୁମର ବିରୋଧି । ସେମାନଙ୍କର ଦେଶ ଅତ୍ୟନ୍ତ ପ୍ରସ୍ତବାନ୍ । ଅତଏବ ତୁମେ ଯେତେବେଳେ ସେଠାରେ ପହଂଚିବ ସେତେବେଳେ ସ୍ୱୟମ ସେଠାରେ ସୈନ୍ୟଦଳର ସେନାପତିତ୍ୱ ଭାର ସମ୍ଭାଳିନେବ । ମୈମନାରେ ଜଣେ ବ୍ୟକ୍ତିକୁ ଏବଂ ମୈସ୍ରାରେ ଅନ୍ୟଜଣେ ବ୍ୟକ୍ତିକୁ ଓ ଅଶ୍ୱାରୋହୀ ଉପରେ ଆଉ ଜଣେ ବ୍ୟକ୍ତିକୁ ନିୟୋଜିତ କରିବ । ବୟଜ୍ୟୋଷ୍ଠ ସାହାବାମାନେ ଓ ହିଜ୍‌ରତ୍‌କାରୀମାନେ ଅନ୍‌ସାର୍‌ମାନଙ୍କ ମଧ୍ୟରୁ ଯେଉଁମାନେ ତୁମ ସହିତ ଅଛନ୍ତି ସେମାନଙ୍କଠାରୁ ତୁମେ ଅହରହ ପରାମର୍ଶ ଗ୍ରହଣ କରିବ । ସେମାନଙ୍କ ଶ୍ରେଷ୍ଠତା ଓ ମଯ୍ୟାଦା ଅକ୍ଷୁର୍ଣ୍ଣ ରଖିବ । ତାଙ୍କୁ ଚିହ୍ନିବାକୁ ଚେଷ୍ଟା କରିବ । ଶତ୍ରୁମାନେ ଯେତେବେଳେ ସମ୍ପୁର୍ଣ୍ଣ ପ୍ରସ୍ତୁତିର ସହିତ ଯୁଦ୍ଧ ଭୂମିରେ ଓହ୍ଲାଇବେ ସେତେବେଳେ ତୁମେମାନେ ସେମାନଙ୍କ ଉପରେ ଆକ୍ରମଣ କରିଦେବ । ସେମାନେ ଯେତେବେଳେ ତୀର ଦ୍ୱାରା ଆକ୍ରମର କରିବେ ସେତେବେଳେ ତୁମେମାନେ ମଧ ପ୍ରତିଆକ୍ରମଣରେ ତୀରର ବ୍ୟବହାର କରିବ । ଆଉ ଯଦି ବର୍ଚ୍ଛା ଓ ଶର ଓ ଖଡ୍ଗ ଆଦି ବ୍ୟବହାର କରନ୍ତି ତୁମେମାନେ ମଧ ସେହିପରି ଏହି ଯୁଦ୍ଧ ସରଞ୍ଜାମ ମାଧ୍ୟମରେ ସେମାନଙ୍କ ଉପରେ ପାଲଟା ଆକ୍ରମଣ କରିବ । ସେମାନଙ୍କର କଏଦୀମାନଙ୍କୁ ତରବାରୀ ଧାରରେ ଛିଡ଼ା କରାଇ ସେମାନଙ୍କୁ ବନ୍ଧ କରିଦେବ । ସେମାନଙ୍କ ହୃଦୟରେ ଭୟ ଓ ଆତଙ୍କ ସୃଷ୍ଟି କରିବ । ସେମାନଙ୍କୁ ଅଗ୍ନୀରେ ନିକ୍ଷେପ କରିଦେବ । ସାବଧାନ ତୁମେ କଦାପି ମୋର ଅବଜ୍ଞା କରିବ ନାହିଁ । **ଓ୍ୱସ୍‌ସଲ୍ଲାମୋ ଆଲୈକା ।**

ହଜରତ ଖାଲିଦ ର ଅଙ୍କୁ ଯେତେବେଳେ ଉକ୍ତ ପତ୍ରଟି ହସ୍ତଗତ ହେଲା ସେତେବେଳେ ଆପଣ ର ଅ ଉକ୍ତ ପତ୍ରକୁ ପଢ଼ିଲେ ଏବଂ କହିଲେ, ଆମେମାନେ ଏବେ ଏହା ଶୁଣିନେଲେ ଏବେ ଆମେ ଏହାକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା । ହଜରତ ଖାଲିଦ ର ଅ ମୁସଲମାନମାନଙ୍କୁ ନିଜ ସହିତ ଯୁଦ୍ଧ ଭୂମିକୁ ଯିବା ନିମନ୍ତେ ପ୍ରସ୍ତୁତ କଲେ ଏବଂ ବନୁ ହନିଫା ଅର୍ଥାତ ମୁସ୍‌ଲୈମା ଯାହାଙ୍କର ନେତୃତ୍ୱ ମୁସ୍‌ଲୈମା କଜାବ୍ ନେଇଥିଲା , ସେମାନଙ୍କ ସହିତ ଯୁଦ୍ଧ କରିବାପାଇଁ ସେମାନଙ୍କ ସହିତ ବାହାରିଲେ । ଅନ୍‌ସାର୍ ମାନଙ୍କର ଅମୀର ସାବିତ୍ ବିନ୍ କୈସ୍ ବିନ୍ ଶମାସ୍ ଅମୀର ନିଯୁକ୍ତ ହୋଇଥିଲେ । ମରତଦ୍ଦୀନ୍ ଅର୍ଥାତ୍ ବିଧର୍ମୀମାନଙ୍କୁ ଯେଉଁମାନଙ୍କ ସହିତ ମାର୍ଗରେ ଭେଟ ହେଲା ସେମାନଙ୍କୁ ମୁସଲମାନ ସେନା ଶାସ୍ତି ଦେଲେ ଅର୍ଥାତ ବନ୍ଧ କରିଦେଲେ । ଅନ୍ୟ ପାର୍ଶ୍ୱରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ପଛରୁ ଖାଲିଦ ର ଅଙ୍କ ସୁରକ୍ଷା ପାଇଁ ଏକ ବିଶାଳ ସେନାବାହିନୀକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ କରି ପ୍ରେରଣ କଲେ । କାରଣ ଏତତଦ୍ୱାରା ହଜରତ ଖାଲିଦ ର ଅଙ୍କ ସୈନ୍ୟଦଳ ଉପରେ ପଛପଟୁ କୌଣସି ଶତ୍ରୁ ଆକ୍ରମଣ କରିବାର ଯେଭଳି ଅପଚିନ୍ତା ନ କରିପାରିବ । ସୁତରାଂ ତାହାର ଅବରୋଦ୍ଧ କରିବାପାଇଁ ତାହାକୁ ପ୍ରତିରୋଧ କରିବାପାଇଁ ହଜରତ ଖାଲିଦ ର ଅଙ୍କ ସାହାଯ୍ୟ ନିମନ୍ତେ ଏହି ସୈନ୍ୟଦଳ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କ ନିକଟକୁ ପ୍ରେରଣ କରିଥିଲେ । ହଜରତ ଖାଲିଦ ର ଅ ୟମାମା ମାର୍ଗ ଦେଇ ଅନେକ ନିପଟ ମଫସଲ ଇଲାକାକୁ ଅତିକ୍ରମ କଲେ । ସେହି ଇଲାକାରେ ଯେଉଁ ସମ୍ପ୍ରଦାୟମାନେ ବିଧର୍ମୀ ହୋଇଯାଇଥିଲେ ସେମାନଙ୍କ ସହିତୁ ହଜରତ ଖାଲିଦ ର ଅ ଯୁଦ୍ଧ କରି ସେମାନଙ୍କୁ ପୁନଃ ଇସ୍‌ଲାମ୍ ଧର୍ମ ଆଡ଼କୁ ଆଣିଲେ । ମାର୍ଗରେ ସଜାହ୍‌ର ଅବଶିଷ୍ଟ ସୈନ୍ୟଦଳ ମିଳିଲା ସେମାନଙ୍କୁ ଉପଯୁକ୍ତ ଶାସ୍ତି ଦେଇଥିଲେ । ହଜରତ ଖାଲିଦ ର ଅ ସେମାନଙ୍କୁ ଶିକ୍ଷଣିୟ ଶାସ୍ତି ଦେଲେ । ଏହାପରେ ହଜରତ ଖାଲିଦ ର ଅ ୟମାମା ଅଭିମୁଖେ ବାହାରି ପଡ଼ିଲେ ।**(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ଡାକ୍ତର ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ , ପୃ-୩୫୩-୩୫୪ , ମକତବଃ ଅଲଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍ )**

ୟମାମା ଯୁଦ୍ଧର ସବିଶେଷ ବିବରଣୀ ଇନ୍‌ଶାଅଲ୍ଲାଃ ତାଲା ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ତୁମଠାରୁ ଏ ପ୍ରତିଶୃତି ଓ ପ୍ରତିଜ୍ଞା ନିଆଯାଉଅଛି ଯେ ତୁମେମାନେ ଅବଶ୍ୟ ଅଲ୍ଲାଃତାଲା ଏବଂ ତାହାଙ୍କ ରସୁଲ ସ ଆ ସଙ୍କ ଉପରେ ବିଶ୍ୱାସ ଆଣିବ । ନିଶ୍ଚିତ ରୂପେ ନମାଜକୁ ପ୍ରତିଷ୍ଠା କରିବ ଏବଂ ଜକାତ୍ ଦେବ । ଏବଂ ଏହି ଜିନିଷ ନିମନ୍ତେ ତୁମେ ନିଜ ସନ୍ତାନ ତଥା ନିଜ ଘରର ମହିଳାମାନଙ୍କ ତରଫରୁ ମଧ୍ୟ ବୟତ କରିବ ।

## ହଜରତ୍ ମୁହମ୍ମଦ୍ ସ ଆ ସ ଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଉତ୍କର୍ଷତା ତଥା ମହାନତା

**''ତୁମେ ନିଜର ପ୍ରତ୍ୟେକ କାର୍ଯ୍ୟରେ ଅଲ୍ଲାଃଙ୍କୁ ଭୟ କରୁଥାଅ ଇନ୍ନଲ୍ଲାହା ମାଅଲ୍ଲଜିନତ୍ ତକଓ ୱଲ୍ଲଜିନା ହୁମ୍ ମୁହ୍‌ସିନୁନା ''**

ଖିଲାଫତେ ଉଲା (ଅର୍ଥାତ୍ ପ୍ରଥମ ଖଲିଫାଙ୍କ)ସମୟରେ ବିଦ୍ରୋହୀ ମୁରତଦ୍ଦୀନ ମାନଙ୍କ ବିରୁଦ୍ଧରେ କରାଯାଇଥିବା କିଛି ଅଭିଯାନର ବିସ୍ତୃତ ଚର୍ଚ୍ଚା ।

ରଫିକ୍ ଅହେମଦ୍ ବଟ ସହେବ ଆଫ୍ ସିଆଲକୋଟ୍ ଙ୍କ ପତ୍ନୀ ଶ୍ରୀମତୀ ସାବେରାଃ ବେଗମ୍ ସାହିବା ଏବଂ ରଶିଦ୍ ଅହେମଦ୍ ବାଜୱା ସାହେବ ଆଫ୍ କାନାଡ଼ାଙ୍କ ପତ୍ନୀ ଶ୍ରୀମତୀ ସୁରୟା ରଶିଦ୍ ସାହିବାଙ୍କ ଉତମ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଜନାଯାଃ ଗାଏବ୍ ପାଠ ।

ଶ୍ରୀମାନ ଅବ୍ଦୁଲ୍ ବାକି ଅରଶଦ୍ ସାହେବ (ଚେୟାରମ୍ୟାନ୍ ଅଲଶିରକତୁଲ୍ ଇସଲାମିୟା ୟୁ କେ)ଙ୍କ ଉତମ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଜନାଜାଃ ହାଜିର୍ (ଉପସ୍ଥିତ) ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ ୦୬ ମଇ ୨୦୨୨ ଅନୁଯାୟୀ ୦୬ ହିଜରତ୍ ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଦ୍ୱାରା ପ୍ରେରଣ କରାଯାଇଥିବା ସୈନ୍ୟ ଅଭିଯାନଗୁଡ଼ିକ ସମ୍ବନ୍ଧରେ ବିଗତ ଖୁତ୍‌ବା ଜୁମାରେ ଚର୍ଚ୍ଚା ଚାଲିଥିଲା । ସେହି ଅଭିଯାନଗୁଡ଼ିକର କିଛିଟା ବିସ୍ତୃତ ବିବରଣୀ ମୁଁ ଏଠାରେ ଆଲୋଚନା କରିଦେବାକୁ ଚାହୁଁଛି ଏତତଦ୍ୱାରା ସେତେବେଳର ଜଟିଳ ପରିସ୍ଥିତି ସମ୍ପର୍କରେ କିଛିଟା ଅନୁମାନ କରାଯାଇପାରିବ ଯେ ସେତେବେଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ କିଭଳି ଜଟିଳ ପରିସ୍ଥିତିର ସମ୍ମୁଖିନ ହୋଇଥିଲେ । ଯେମିତି କି ଏବିଷୟରେ ଚର୍ଚ୍ଚା ହୋଇସାରିଛି ଯେ ୧୧ଟି ଅଭିଯାନ ପ୍ରେରଣ କରାଯାଇଥିଲା । ସେଥି ମଧ୍ୟରେ ପ୍ରଥମ ଅଭିଯାନର ବିବରଣୀ କିଛିଟା ଏପରି ମିଳିଥାଏ ଯେ ତାହା ତୁଲୈହା ବିନ୍ ଖୁୱେଲିଦ୍ , ମାଲିକ୍ ବିନ୍ ନୁୱେରାଃ , ସଜାହ୍ ବିନତେ ହାରିସ୍ ଏବଂ ମୁସଲିମାଃ କଜ୍ଜାବ୍ ଇତ୍ୟାଦି ମୁରତଦ୍ଦୀନ୍ ଏବଂ ମିଥ୍ୟାବାଦୀ ନବୀମାନଙ୍କର ମୁଳୋତ୍ପାଟ ନିମନ୍ତେ ପ୍ରେରଣ କରାଯାଇଥିଲା । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କୁ ଗୋଟିଏ ଇସ୍‌ଲାମୀୟ ଧ୍ୱଜା (ବାନା) ପ୍ରଦାନ କରି ଆଦେଶ ଦେଲେ ଯେ, ତୁଲୈହା ବିନ୍ ଖୁୱେଲଦ୍‌ଙ୍କ ମୁକାବିଲାରେ ବାହାରିପଡ଼ ଏବଂ ତାଉପରେ ବିଜୟ ଲାଭ କରିବା ପରେ ବୁତାହ୍ ଠାରେ ମାଲିକ୍ ବିନ୍ ନୁୱେରାଃ ସହିତ ଯାଇ ଲଢନ୍ତୁ । ଯଦି ସେ ଯୁଦ୍ଧ କରିବା ପାଇଁ ଅଡିବସେ ତାହା ହେଲେ ପୁଣି ତା ସହିତ ଲଢାଯାଉ । ବୁତାହ୍ ହେଉଛି ବନୁ ଅସଦ୍ ଇଲାକାରେ ଥିବା ଗୋଟିଏ ଝରଣାର ନାମ । ସେଠାରେ ଏହି (ଯୁଦ୍ଧ) ଅନୁଷ୍ଠିତ ହୋଇଥିଲା । **(ତାରିଖେ ତିବରୀ , ଖ-୦୨, ପୃ-୨୫୭, ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)(ମୁଅଜ୍ଜୁମୁଲ୍ ବୁଲଦାନ୍ ,ଖ-୦୧, ପୃ-୫୨୭)**

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ସାବିଦ୍ ବିନ୍ କୈସ୍ ର ଅଙ୍କୁ ଅନ୍‌ସାରମାନଙ୍କ ଅମୀର ମୃତୟନ କରିଥିଲେ ଏବଂ ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ଅଧିନ କରି  ଖାଲିଦ୍ ବିନ୍ ୱଲିଦ୍ ର ଅ ଙ୍କୁ ଆଦେଶ ଦେଇଥିଲେ ଯେ, ତୁଲୈହା ଓ ଉୱେନା ବିନ୍ ହିସନ୍ ସହିତ ମୁକାବିଲା କରିବାକୁ ଚାଲିଯାଅ । ଯେଉଁମାନେ ବନୁ ଅସଦ୍‌ର ଏକ ଝରଣା (ନିର୍ଝର) ନିକଟରେ ବସବାସ କରଥିଲେ । **(ତାରିଖେ ତିବରୀ , ଖ-୨, ପୃ-୨୬୦ , ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

ଯେତେବେଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ମୁରତଦ୍ଦୀନ୍ (ଅର୍ଥାତ୍ ଇସଲାମ୍ କୁ ଛାଡି ବିପଥଗାମୀ ହୋଇଯାଇଥିବା  ତଥା ବିଦ୍ରୋହ କରୁଥିବା ଲୋମାନଙ୍କ) ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ପାଇଁ ଗୋଟିଏ ଧ୍ୱଜା (ବାନା) ପ୍ରସ୍ତୁତ କଲେ, ସେତେବେଳେ କହିଲେ, ମୁଁ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କୁ ଏ କଥା କହୁଥିବାର ଶୁଣିଛି ଯେ, ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅ ଅଲ୍ଲାଃଙ୍କର ଅତି ଉତମ ଭକ୍ତ ଅଟନ୍ତି  ଏବଂ ସେ ଆମ୍ଭର ଭାଇ  ଅଟନ୍ତି । ସେ ହେଉଛନ୍ତି ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କର ତରବାରୀ ମାନଙ୍କ ମଧ୍ୟରୁ ଗୋଟିଏ ବିଶେଷ ତରବାରୀ , ଯେଉଁ ତରବାରୀକୁ ପ୍ରଭୁ ଅମାନ୍ୟକାରୀ ଓ କପଟବିଶ୍ୱାସୀମାନଙ୍କ ବିରୁଦ୍ଧରେ ପ୍ରସ୍ତୁତ କରିରଖିଛନ୍ତି ।**(ଅଲବିଦାୟତୁନ୍ ନହାୟାଃ , ଖ-୩ , ପୃ-୩୧୩ , ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୦୧)**

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କୁ ତୁଲୈହା ଓ ଉୱେନା ବିନ୍ ହିସନ୍ ଆଡ଼କୁ ପଠାଇଥିଲେ । ଅର୍ଥାତ୍ ସେମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ପ୍ରେରଣ କରିଥିଲେ । ସେହି ଦୁଇ ବିରୋଧିମାନଙ୍କର ସଂକ୍ଷିପ୍ତ ପରିଚୟ ଏଠାରେ ଆଲୋଚନା କରିଦେଉଛି ।

ତୁଲୈହା ଅସଦି ମିଥ୍ୟା ନବୀ ହେବାର ଦାବି କରିଥିଲା , ଏବଂ ତାହା  ହଜରତ ମୁହମ୍ମଦ୍ ସ ଆ ସଙ୍କ ଜୀବନର ଅନ୍ତିମ ପ୍ରଯ୍ୟାୟରେ ସର୍ବସମ୍ମୁଖକୁ ଆସିଥିଲା ।  ତାହାର ନାମ  ତୁଲୈହା ବିନ୍ ଖୁୱେଲିଦ୍ ବିନ୍ ନୌଫିଲ ବିନ୍ ନଜ୍‌ଲା ଅସଦି ଥିଲା । ଆମୁଲ୍ ୱୁଫୁଦ୍ ଅର୍ଥାତ ୱୁଫଦ୍ (ଅର୍ଥାତ୍ ଦଳ ଦଳ ହୋଇ ଇସଲାମରେ ପ୍ରବେଶ କରୁଥିବା ଲୋକମାନଙ୍କ) ଆଗମନ ବର୍ଷ , ୯ ହିଜ୍‌ରୀରେ ସେ ନିଜର ଗୋଷ୍ଠୀ ବନୁ ଅସଦ୍ ସହିତ ଆସି ହଜୁର ସ ଆ ସଙ୍କ ସେବାରେ ଉପସ୍ଥିତ ହେଲା । ଏବଂ ମଦିନାରେ ପହଂଚି ସେହି ଲୋକମାନେ ହଜରତ ମୁହମ୍ମଦ୍ ସ ଆ ସଙ୍କୁ ସଲାମ୍ କହିଲେ,ଏବଂ ସେମାନେ ଅନୁଗ୍ରହ ପ୍ରେଦର୍ଶନ କରି ଅର୍ଥାତ୍ ନିଜ ବଡ଼ ପଣିଆ ପ୍ରଦର୍ଶନ କରି କହିଲେ, ଆମେ ଆପଣଙ୍କ ସେବାରେ ଉପସ୍ଥିତ ହୋଇଅଛୁ ଏବଂ ଆମ୍ଭେମାନେ ଏହି ସାକ୍ଷ୍ୟ ଦେଉଛୁ ଯେ ପରମେଶ୍ୱରଙ୍କ ବ୍ୟତିତ ଅନ୍ୟ କେହି ଉପାସନାର ଅଧିକାରୀ ନୁହନ୍ତି ଏବଂ ଆପଣ ହେଉଛନ୍ତି  ସେହି ଅଲ୍ଲାଃଙ୍କ ଭକ୍ତ ଓ ବାର୍ତାବହ । ପୁନଶ୍ଚ ସେ ଆଁହଜରତ୍ ସ ଆ ସ ଙ୍କୁ କହିଲା ଯଦିଓ ଆପଣ ଆମମାନଙ୍କ ନିକଟକୁ କୌଣସି ପ୍ରତିନିଧି ପ୍ରେରଣ କରିନାହାନ୍ତି ତଥାପି ଆମେ ନିଜ ପଛ ଲୋକମାନଙ୍କ ପାଇଁ (ଅର୍ଥାତ ଆମ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ) ଯଥେଷ୍ଟ । ଯେତେବେଳେ  ସେହି ଲୋକମାନେ ଫେରିଗଲେ , ସେତେବେଳେ ଆଁହଜରତ୍ ସ ଆ ସଙ୍କ ଜୀବନରେ ହିଁ ତୁଲୈହା ମୁରତଦ୍ ହୋଇଗଲା (ଅର୍ଥାତ୍ ଇସଲାମ୍ ଧର୍ମକୁ ଛାଡ଼ିଦେଲା) ଏବଂ ନବୁୱତର ଦାବୀ କରି ସମିରା ନାମକ ସ୍ଥାନକୁ ନିଜର ସାମରିକ କେନ୍ଦ୍ର (ସୈନ୍ୟ ଆଡ଼ାସ୍ଥଳୀ) କରିଦେଲା । ସମିରା ନାମଟି ଆଦ୍ ସମ୍ପ୍ରଦାୟର ଗୋଟିଏ ଲୋକର ନାମ ଯୋଗୁଁ ନାମିତ ହୋଇଥିଲା ଅର୍ଥାତ୍ ସେହି ଲୋକର ନାମ ଅନୁସାରେ ଉକ୍ତ ସ୍ଥାନର ନାମକରଣ କରାଯାଇଥିଲା । ସେହି ସ୍ଥାନଟି ମଦିନାରୁ ମକ୍କା ଅଭିମୁଖେ କିଛି ଦୁରତାରେ ଅବସ୍ଥିତ । ସେହି ଇଲାକାର ଆଖପାଖରେ କଳା ରଙ୍ଗର ପାହାଡ଼ ଥିବାରୁ ସେହି ସ୍ଥାନର ଏପରି ନାମକରଣ କରାଯାଇଅଛି । ସେ ଯାହା ହେଉ ନା କାହିଁକି ହଜୁର ଆ ସଙ୍କ ଜୀବନକାଳରେ ହିଁ ସେ ସ୍ୱଧର୍ମରୁ ଓହରି ଯାଇଥିଲା ଏବଂ ନିଜକୁ ନିଜେ ଈଶ୍ୱରଙ୍କ ତରଫରୁ ନବି ହେବାର ଘୋଷଣା କରିଥିଲା । ସେଥିଅନ୍ତେ ସେ ସମିରା ଅଂଚଳକୁ ନିଜ ସୈନ୍ୟଛାଉଣୀର କେନ୍ଦ୍ର କରିନେଇଥିଲା । ସେ ଯାହା ହେଉ ନା କାହିଁକି ନିଜକୁ ନିଜେ ଈଶ୍ୱରଙ୍କ ତରଫରୁ ନବି ହେବାର ଘୋଷଣା କରିଥିଲା । ଯେତେବେଳେ ସେ ନବି ହେବାର ଘୋଷଣା କରିଥିଲା, ସେତେବେଳେ ସାଧାରଣ ଜନତା ତାହାର ଅନୁଗାମୀ ପାଲଟି ଗଲେ । ଲୋକମାନଙ୍କ ପଥଭ୍ରଷ୍ଟତାର, (ଅର୍ଥାତ ବିପଥଗାମୀ ହୋଇଯିବାର) ପ୍ରଥମ କାରଣ ଏହା ଥିଲା ଯେ, ତୁଲୈହା ନିଜ ଗୋଷ୍ଠୀ ସହିତ ଏକ ଯାତ୍ରାରେ ଯାଉଥିଲା  ଯେ ଲୋକମାନଙ୍କ ନିକଟରେ ଥିବା ପାନୀୟ ଶେଷ ହୋଇଗଲା ଏବଂ ସେମାନେ ନିଜ ଚତୁଃପାର୍ଶ୍ୱରେ କୌଣସି

ଠାରେ ଜଳର ସନ୍ଧାନ ପାଇଲେ ନାହିଁ । ସେହି ସମୟରେ ତୁଲୈହା ନିଜ ଚତୁରାମି ଏବଂ ଚାଲାକ୍ ପ୍ରଦର୍ଶନ କରି ଲୋକମାନଙ୍କୁ କହିଲା ତୁମେମାନେ ମୋ ଘୋଡ଼ା ଇଲାଲ୍ ଉପରେ ଆରୋହଣ କରି କିଛି ମାଇଲ ଚାଲ ସେଠାରେ ତୁମକୁ ପିଇବା ପାଣି ମିଳିଯିବ । ଅତଏବ ଲୋକମାନେ ସେହିପରି ହିଁ କଲେ ଏବଂ ତାଙ୍କୁ ପାନୀୟ ଜଳ ମଧ୍ୟ ମିଳିଗଲା । ଏକଥାକୁ ଦେଖି ସେହି ଅପାଠୁଆ ଗାଉଁଲି ଲୋକମାନେ ତାହାର ଭ୍ରମର ଶିକାର ହୋଇଗଲେ । ବୋଧହୁଏ ସେ ପାଣିର କୌଣସି ସ୍ଥାନ ପୂର୍ବରୁ ଦେଖିଥିବ । ତେଣୁ ଅତି ଚତୁରତାର ସହିତ ସେମାନଙ୍କୁ ସେଠାକୁ ପଠାଇଦେଲା । ସେଥି ଯୋଗୁଁ ସେହି ଅପାଠୁଆ ଗାଉଁଲି ଲୋକମାନେ ତାକଥାର ଶିକାର ହୋଇଗଲେ । ତାହାର ଅର୍ଥାତ୍ ତୁଲୈହାର ଅବାସ୍ତବିକ କଥା ମଧ୍ୟରୁ ଏହା ମଧ୍ୟ ଗୋଟିଏ କଥା ଥିଲା ଯେ ସେ ନମାଜରୁ ସଜ୍‌ଦାଃ ଅର୍ଥାତ ସାଷ୍ଟାଙ୍ଗ ପ୍ରଣିପାତକୁ ଉଚ୍ଛେଦ କରିଦେଲା ଅର୍ଥାତ୍ ତା ଅନୁସାରେ ନମାଜ ମଧ୍ୟରେ ସିଜଦାଃ କରିବାର କିଛି ଆବଶ୍ୟକତା ନାହିଁ । ଏବଂ ତାହାର ଏ ବିଶ୍ୱାସ ଥିଲା ଯେ, ଆକାଶ ମାର୍ଗରୁ ତା ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଉଅଛି । ସୁତରାଂ ସେ ମସଯୁଉ ଓ ମୁକଫି ଅର୍ଥାତ୍ ନିଜ ନିକଟରୁ ସୁନ୍ଦର ଶବ୍ଦ ସମ୍ବଳିତ ଲେଖା ଓ କବିତା ସମ୍ବଳିତ ଲେଖା ଲୋକମାନଙ୍କ ଗହଣରେ ଉପସ୍ଥାପନ କରି ତାହାଙ୍କୁ ଇଶ୍ୱରଙ୍କ ପ୍ରଦତ ବୋଲି ଦର୍ଶାଉଥିଲା ।

ଇତିହାସ ପୃଷ୍ଠାରୁ ଜ୍ଞାତ ହେଉଛି ଯେ, ଅନ୍ଧକାର ଯୁଗରେ କାହିନମାନେ (ଅର୍ଥାତ୍ ପୁରୋହିତମାନେ) ଲୋକମାନଙ୍କ ସମ୍ମୁଖରେ ନିଜ ପ୍ରଭୁତ୍ୱ ବିସ୍ତାର କରିବା ସକାଶେ ମୁସଜ୍ଜଅ ଓ ମୁକଫ୍‌ଫାରତେଁ ଲେଖା ଉପସ୍ଥାପନ କରୁଥିଲେ । ତୁଲୈହା ମଧ୍ୟ ଜଣେ କାହିନ୍ ଥିଲା । ତୁଲୈହା ଅସଦିର ଆତ୍ମା ତାକୁ ଧୋକା ଦେଲା ଅର୍ଥାତ୍ ତାକୁ ଭ୍ରମିତ କରିଥିଲା । ତାହାର ଏହି ପ୍ରସଙ୍ଗ ତିବ୍ର ରୂପ ନେବାରୁ ତାହାର ଅନୁଗାମୀମାନଙ୍କ ସଂଖ୍ୟା ଅଭିବୃଦ୍ଧି ଘଟିଲା । ବହୁ ସଂଖ୍ୟାରେ ଲୋକମାନେ ଆସି ତା ନିକଟରେ ରୁଣ୍ଡ ହେଲେ ଯେତେବେଳେ ହଜୁର ସ ଆ ସଙ୍କୁ ଏହି ସୁଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ ଆ ସ ଜିରାର୍ ବିନ୍ ଅଜଓ୍ୱର୍ ଅସଦିଙ୍କୁ ତାହା ସହିତ ମୁକାବିଲା କରିବା ନିମନ୍ତେ ପ୍ରେରଣ କରିଥିଲେ କିନ୍ତୁ ଏହି ପ୍ରସଙ୍ଗ ଜରାର୍‌ଙ୍କ ଆୟତ ବହିଭୂତ ଥିଲା କାରଣ ସମୟ କ୍ରମେ ତୁଲୈହାର ଶକ୍ତି ବେଶ୍ ଅଭିବୃଦ୍ଧି ଘଟି ସାରିଥିଲା । ବିଶେଷ କରି ଅସଦ୍ ଓ ଗତ୍‌ଫାନ୍ କବିଲା ,ଏହି ଦୁଇଗୋଷ୍ଠୀ ତାହାର ଅର୍ଥାତ ତୁଲୈହାର ଅନୁଗାମୀ ମଧ୍ୟରେ ସାମିଲ ହୋଇସାରିଥିଲେ ଯଦ୍ୱାରା ତାହାର ଶକ୍ତିରେ ବେଶ୍ ଅଭିବୃଦ୍ଧି ଘଟି ସାରିଥିଲା ଇତି ମଧ୍ୟରେ ହଜୁର ଆ ସଙ୍କର ସ୍ୱର୍ଗବାସ ହୋଇଗଲା ଯଦ୍ୱାରା ପ୍ରସଙ୍ଗ ସ୍ଥଗିତ ରହିଗଲା ଏବଂ ସମାଧାନ ହୋଇପାରିଲା ନାହିଁ । ଯେତେବେଳେ ହଜରତ ଅବୁବକର୍ ର ଅ ଖିଲାଫତ୍ ଆସନରେ ବିରାଜମାନ ହେଲେ ଏବଂ ବିଦ୍ରୋହୀ ଓ ବିପଥଗାମୀମାନଙ୍କର ବିନାଶ ନିମନ୍ତେ ସେନା ପ୍ରସ୍ତୁତ କଲେ ସେତେବେଳେ ଆପଣ ର ଅ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ତୁଲୈହା ବିରୋଧରେ ପ୍ରେରଣ କରିଥିଲେ ।**(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ଡ଼ାକଟର୍ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ , ପୃ-୩୧୬-୩୧୮, ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ)(ଉସଦୁଲ୍ ଗାବାଃ , ଭାଗ-୦୩ , ପୃ-୯୪ , ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୬)(ମୁଅଜମୁଲ୍ ବୁଲଦାନ୍ , ଖ-୦୩, ପୃ-୨୯୦)**

ସେମାନେ କେବଳ ଇସ୍‌ଲାମ୍ ଧର୍ମରୁ ଓହରି ଯାଇନଥିଲେ ଅବା ମିଥ୍ୟା ଅବତାରତ୍ୱର ଦାବି କରିନଥିଲେ ବରଂ ସେମାନେ ମୁସଲମାନମାନଙ୍କ ସହିତ ଯୁଦ୍ଧ ମଧ୍ୟ କରୁଥିଲେ । ଏବଂ ମୁସଲମାନ୍ ମାନଙ୍କର ଅନିଷ୍ଟ ତଥା କ୍ଷୟକ୍ଷତି କରିବା ପାଇଁ ଚେଷ୍ଟା କରୁଥିଲେ ।

ଉୟୈନା ବିନ୍ ହିସନ୍ କିଏ ଥିଲା ? ତା ସମ୍ପର୍କରେ ଲେଖା ଅଛି ଯେ ଉୟୈନା ଅହଜାବ୍ ଯୁଦ୍ଧ ସମୟରେ ବନୁ ଫଜାରାର ସରଦାର ଥିଲା । ଉକ୍ତ ଯୁଦ୍ଧରେ ଅମାନ୍ୟକାରୀମାନଙ୍କର ତିନିଗୋଟି ସୈନ୍ୟଦଳ ବନୁ କୁରୈଜା ସହିତ ମିଶି ମଦିନା ଉପରେ ଜୋର୍ ଜବ୍ରଦସ୍ତି ଆକ୍ରମଣ କରବା ପାଇଁ ମନସ୍ଥ କଲେ । ସେହି ସୈନ୍ୟଦଳ ମଧ୍ୟରୁ ଗୋଟିଏ ସୌନ୍ୟଦଳର ସେନାଧକ୍ଷ ଉୟୈନା ଥିଲା । ଅହଜାବ୍ ଯୁଦ୍ଧରେ ଅମାନ୍ୟକାରୀମାନଙ୍କର ପରାଜୟ ହେବା ପରେ ବି ମଧ ଉୟୈନା ମଦିନା ଉପରେ ଆକ୍ରମଣ କରିବାର ଯୋଜନା କରିନେଇଥିଲା କିନ୍ତୁ ରସୁଲୁଲ୍ଲାଃ ସ ଆ ସ ସହର ବାହାରକୁ ବାହାରି ତାହାର ଆକ୍ରମଣର ପ୍ରତିରୋଦ୍ଧ କରିଥିଲେ ଏବଂ ତାକୁ ପଛଘୁଂଚା ଦେବା ପାଇଁ ବାଧ୍ୟ କରିଦେଇଥିଲେ । ଏହାକୁ ଜି କର୍ଦ୍ ଯୁଦ୍ଧ ମଧ କୁହାଯାଏ ।**(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ , ପୃ-୧୩୯ , ମୁଦ୍ରଣ ଶିରକତ୍ ପ୍ରିଟିଂ ପ୍ରେସ୍ ଲାହୋର୍)**

ଉୟୈନା ବିନ୍ ହିସନ୍ ଫତହ୍ ମକ୍କା ଅର୍ଥାତ୍ ମକ୍କା ବିଜୟ ପୂର୍ବରୁ ହିଁ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଯାଇଥିଲା ଓ ସେ ଏଥିରେ ସାମିଲ୍ ବି ହୋଇଥିଲା । ସେ ହୁନୈନ୍ ଓ ତାଇଫ୍ ଯୁଦ୍ଧରେ ମଧ ଅଂଶ ଗ୍ରହଣ କରିଥିଲା । ନବି କରିମ୍ ସ ଆ ସ ତାକୁ ୦୯ ହିଜରୀରେ ବନୁ ତମୀମ୍ ର ମୂଳୋତ୍ପାଟନ କରିବା ପାଇଁ ପଚାଶ ଜଣ ବିଶିଷ୍ଟ ଆରୋହୀଙ୍କ ସହିତ ପଠାଇଥିଲେ । ସେଥିରେ ଜଣେ ହେଲେ ବି ଅନସାର୍ କିମ୍ବା ମୁହାଜିର୍ ସାହାବି ନଥିଲେ । ଏହି ଯୁଦ୍ଧର କାରଣ ଏମିତି ହୋଇଥିଲା ଯେ ବନୁ ତମିମ୍ ର ଲୋକମାନେ ଆଁ ହଜରତ୍ ସ ଆ ସ ଙ୍କ ଆମିଲ୍ (ଅର୍ଥାତ୍ ସଦକାଃ ଇତ୍ୟାଦି ଚାନ୍ଦା ଅସୁଲକାରୀ)ଙ୍କୁ ସଦକାଃ ନେଇ ଯିବା ପାଇଁ ରୋକି ଦେଇଥିଲା । ପୁଣି ହଜରତ୍ ଅବୁବକର୍ ର ଅ ଙ୍କ ସମୟରେ ବିଦ୍ରୋହୀ ମୁରତଦ୍ଦୀନ ମାନଙ୍କ ସହିତ ମିଶି ଇଏ ମଧ୍ୟ ଫିତନାଃ ର ଶିକାର ହୋଇଯାଇାଥିଲା ଏବଂ ତୁଲୈହା ଆଡକୁ ଆକର୍ଷିତ ହୋଇଗଲା । ପୁଣି ସେ ତୁଲୈହା ହାତରେ ବୟତ ବି କରିନେଲା । ସେ ଯାହା ବି ହେଉ ପରେ ସେ ମଧ୍ୟ ଇସଲାମ୍ ଆଡ଼କୁ ଫେରି ଚାଲି ଆସିଥିଲା । (ଅଲଅସାବାଃ ଫି ତମିଜିସ୍ ସାହାବାଃ , ଖ-୦୪, ପୃ-୬୩୯, ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୫)(ଜିଆଉନ୍ ନବି ଅଜ୍ ପୀର୍ ମୁହମ୍ମଦ୍ ଅକରମ୍ ଶାହ୍ ଅଲାଜହରୀ , ଖ-୪ , ପୃ-୫୬୬-୫୬୭, ମୁଦ୍ରଣ ତଖଲିକେ ମରକଜ୍ ପ୍ରିଂଟର୍ ଲାହୋର୍ ୧୪୨୦ ହିଜ୍ରୀ)

ଏହି ଲୋକମାନେ ପ୍ରଥମେ ବି ଇସଲାମ ବିରୁଦ୍ଧରେ ଲଢୁଥିଲେ । ତାପରେ ପୁଣି ମୁସଲମାନ ହୋଇଯାଇଥିଲେ । ପୁଣି ତା ପରେ ବି ଲଢିବା ଆରମ୍ଭ କରିଦେଇଥିଲେ । ପୁଣି ଉଲ୍ଲେଖ ରହିଛି ଯେ ଯେତେବେଳେ ଅବସ୍, ଜୁବିୟାନ୍ ଓ ସେମାନଙ୍କ ସମର୍ଥନକାରୀମାନେ ବୁଜାଖା ନାମକ ସ୍ଥାନରେ ଏକତ୍ରିତ ହେଲେ ସେତେବେଳେ ତୁଲୈହା ବନୁ ଜଦିଲା ଓ ଗଓ୍ୱସ୍ ,ଯିଏ କି ତୈ କବିଲାର ଦୁଇଗୋଟି ଶାଖା ଥିଲେ, ସେମାନଙ୍କ ନିକଟକୁ ସନ୍ଦେଶ ପ୍ରେରଣ କରି କହିଲା ଯେ, ତୁମେମାନେ ସଙ୍ଗେ ସଙ୍ଗେ ମୋ ନିକଟକୁ ଆସିଯାଅ । ଅତଏବ ସେହି କବିଲାର କିଛିଲୋକମାନେ ତାହା ହିଁ କଲେ ଓ ତତକ୍ଷଣାତ୍ ତା ନିକଟରେ ଉପସ୍ଥିତ ହୋଇଗଲେ ଏବଂ ସେମାନେ ନିଜ କୌମର ଲୋକମାନଙ୍କୁ କହିଲେ ଯେ ସେମାନେ ମଧ୍ୟ ତା ସହିତ ଯାଇ ମିଶି ଯାଆନ୍ତୁ । ସୁତରାଂ ସେମାନେ ବି ତୁଲୈହା ନିକଟକୁ ଚାଲିଗଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅଙ୍କୁ ଜୁଲ୍‌କିସାରୁ ପ୍ରେରଣ କରିବା ପୂର୍ବରୁ ହଜରତ ଅଦି ର ଅଙ୍କୁ କହିଲେ, ତୁମେ ନିଜ ଗୋଷ୍ଠୀ ଅର୍ଥାତ କବିଲା ତୈ ନିକଟକୁ ଯାଅ ଏପରି ନ ହେଉ କି ସେମାନେ ବରବାଦ୍ ହୋଇଯିବେ । ଅତଏବ ତୁମେ ସେମାନଙ୍କ ନିକଟକୁ ଯାଅ ଯେହେତୁ ସେମାନେ ତୁମ ଗୋଷ୍ଠୀର ତେଣୁ ସେମାନଙ୍କୁ ଯାଇ ବୁଝାସୁଝା କର । ସୁତରାଂ ହଜରତ୍ ଅଦି ର ଅ ନିଜ କୌମ ନିକଟକୁ ଗଲେ ଅର୍ଥାତ୍ ନିଜ କବିଲା ନିକଟକୁ ଗଲେ ଓ ସେମାନଙ୍କୁ ଜରଓ୍ୱ ଏବଂ ଗାରିବ୍ ଠାରେ ରୋକିଦେଲେ ଓ ଇସ୍‌ଲାମ୍ ଧର୍ମ ପ୍ରତି ଡ଼ାକରା ଦେଲେ ଏବଂ ସତର୍କ ଓ ଭୟଭୀତ କରାଇଲେ । ଜରଓ୍ୱ ମଧ ଗତ୍‌ଫାନ୍ ଇଲାକାର ଗୋଟିଏ ଅଂଚଳର ନାମ ଏବଂ ଏହା ମଧ କୁହାଯାଏ ଯେ, ତାହା ବନୁ ମୁର୍‌ରାରେ ଅଓଫ୍‌ର ନିର୍ଝରର ନାମ ଥିଲା । ସେ ଯାହା ହେଉ ନା କାହିଁକି ତାଙ୍କ ପଛରେ ହଜରତ ଖାଲିଦ୍ ବାହାରି ଗଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ ଆଦେଶ ଦେଇଥିଲେ ଯେ, ପ୍ରଥମେ ତୈ କବିଲାରୁ ଅଭିଯାନ ଆରମ୍ଭ କରି ବୁଜାଖା ଆଡ଼କୁ ଯିବ ଏବଂ ଶେଷରେ ବତାହ୍ ଆଡ଼କୁ ଚାଲିଯିବ । ଏବଂ ଶତୃମାନଙ୍କ ସହିତ ମୁକାବିଲା କରିବା ପରେ ଯେପର୍ଯ୍ୟନ୍ତ ଆମ ନିକଟରୁ କୌଣସି ଆଦେଶ ନମିଳିଛି ସେପର୍ଯ୍ୟନ୍ତ ଅନ୍ୟ କୌଣସି ସ୍ଥାନ ଅବା ଗୋଷ୍ଠୀ ଉପରେ ଆକ୍ରମଣ କରିବ ନାହିଁ ।

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଏହି ମତ ପ୍ରକାଶ କଲେ ଯେ, ମୁଁ ସ୍ୱୟମ ଖୈବର ଅଭିମୁଖେ ବାହାରୁଛି । ସୁତରାଂ ଏହି କଥାକୁ ଲୋକମାନେ ପ୍ରଘଟ କରିଦେଲେ ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଖୈବର ଆଡ଼କୁ ବାହାରିଛନ୍ତି ଏବଂ ସେଠାରୁ ପୁଣି ସେ ବାହାରି ସଲ୍‌ମା ପାହାଡ଼ ନିକଟରେ ହଜରତ ଖାଲିଦ ର ଅଙ୍କ ସହିତ ସାକ୍ଷାତ କରିବେ । ଅନ୍ୟ ବର୍ଣ୍ଣନାରୁ ପ୍ରତିତ ହେଉଛି ଯେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଏହି ଯୋଜନା ଏଇଥିପାଇଁ ଆପଣାଇଥିଲେ ଅର୍ଥାତ ନିଜ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଜଣାଇ ଏହି ଖବରକୁ ଶତୃମାନଙ୍କ ନିକଟରେ ପହଂଚାଇବାକୁ ଚାହୁଁଥିଲେ ଯେ ଯେତେବେଳେ ଶତ୍ରୁଜପକ୍ଷ ମୋର ଏହି ଯୋଜନା ସମ୍ପର୍କରେ ଜାଣିନେବେ ବା ସେମାନଙ୍କୁ ସୂଚନା ମିଳିବ ସେତେବେଳେ ସେମାନେ ଭୟଭୀତ ହୋଇଯିବେ । କାରଣ ସେମାନେ ଏକଥା ଭାବିବେ ଯେ ଗୋଟିଏ ସୈନ୍ୟଦଳ ତ ମୋ ସାଥିରେ ଅଛନ୍ତି । କିନ୍ତୁ ବାସ୍ତବପକ୍ଷେ ସମସ୍ତ ସୈନ୍ୟଦଳକୁ ଆପଣ ର ଅ ହଜରତ ଖାଲିଦ୍ ର ଅଙ୍କ ସାଥିରେ ପ୍ରେରଣ କରିଦେଇଥିଲେ । ହଜରତ ଖାଲିଦ୍ ବୁଜାଖାରୁ ବାହାରି ଅଜାଅ ଆଡ଼କୁ ଆଗ୍ରସର ହୋଇଥିଲେ । ଅଜାଅ ଓ ସଲ୍‌ମା ଏହି ଦୁଇଟି ହେଉଛନ୍ତି ଗୋଟିଏ ଗୋଟିଏ ପାହାଡ଼ର ନାମ । ସଲ୍‌ମା ବିଷୟରେ ପୂର୍ବରୁ ଆଲୋଚନା ହୋଇସାରିଛି ଯେ ତାହା ସମୀରାର ବାମପାର୍ଶ୍ୱରେ ଅବସ୍ଥିତ । ଆଉ ଗୋଟିଏ ବର୍ଣ୍ଣନା ଅନୁଯାୟୀ ଅଜାଅ ବନୁ ତୈ ର ଗୋଟିଏ ପାହାଡ଼ର ନାମ ଅଟେ ।

ସେ ଯାହା ହେଉ ହଜରତ ଖାଲିଦ୍ ଏହା ପରିପ୍ରକାଶ କଲେ ଯେ, ସେ ଖୈବର ଆଡ଼କୁ ବାହାରିଛନ୍ତି ସେଠାରୁ ସେ ତୈ କବିଲା ଆଡ଼କୁ ଯିବେ । ଏହି ଯୋଜନା ଦ୍ୱାରା ତୈ କବିଲାର ଲୋକମାନେ ନିଜ ସ୍ଥାନରେ ବସି ରହିଲେ ଏବଂ ତୁଲୈହା ନିକଟକୁ ଯିବାରୁ ବିରତ ରହିଲେ । ହଜରତ୍ ଅଦି ର ଅ ମଧ୍ୟ ତୈ କବିଲା ନିକଟକୁ ଆସିଲେ ଓ ସେମାନଙ୍କୁ ଇସଲାମ୍ ଆଡ଼କୁ ଆମନ୍ତ୍ରଣ କଲେ । ସେମାନେ କହିଲେ ଯେ ଅବୁଲ୍ ଫସିଲ୍ ର ସେମାନେ କଦାପି ଆଜ୍ଞାବହତା ସ୍ୱୀକାର କରିବେ ନାହିଁ । ସେମାନେ ଯେଉଁ ଅବୁଲ୍ ଫସିଲ୍ କଥା କହୁଥିଲେ , ତାହାର ଅର୍ଥ ଥିଲା ହଜରତ୍ ଅବୁ ବକର୍ ର ଅ । ଓଟ ବା ଗାଈର ବାଛୁରୀକୁ ଆରବୀ ଭାଷାରେ ଫସିଲ୍ କୁହନ୍ତି , ଯିଏ ନିଜ ମାଆଠାରୁ ଦୂରେଇ ରହିଥାଏ ବା ଯାହାକୁ ନିଜ ମାଆଠାରୁ ଆଉ କ୍ଷୀର ପିଇବାକୁ ଦିଆଯାଇନଥାଏ । ଯେହେତୁ ବିକର୍ ଏବଂ ଫସିଲ୍ ଦୁଇଟିଯାକ ଶବ୍ଦର ଅର୍ଥ ହେଉଛି ଓଟର ବାଛୁରୀ । ତେଣୁ କିଛି ଲୋକେ ହଜରତ୍ ଅବୁ ବକର ର ଅଙ୍କୁ ନିଚା କରିବା ପାଇଁ ତଥା ଅପମାନିତ କରିବା ପାଇଁ ଅବୁଲ୍ ଫସିଲ୍ କରି ସମ୍ବୋଧନ କରୁଥିଲେ । ଯାହାର ଅର୍ଥ ଥିଲା ଓଟ ବାଛୁରୀର ବାପା । ହଜରତ୍ ଅଦି ର ଅ କହିଲେ ଯେ ତୁମମାନଙ୍କ ନିକଟକୁ ଏମିତି ଗୋଟିଏ ସୈନ୍ୟଦଳ ମାଡ଼ି ଆସୁଅଛି ଯିଏ କଦାପି ହେଲେ ତୁମମାନଙ୍କୁ କ୍ଷମା ବା ଦୟା କରିବେ ନାହିଁ । ହତ୍ୟା ଓ ରକ୍ତପାତ ଏପରି କରିବେ ଯେ କାହାକୁ ବି ଶାନ୍ତି ମିଳି ପାରିବ ନାହିଁ । ମୁଁ ତୁମମାନଙ୍କୁ ବୁଝାଇ ଦେଲି , ଆଗକୁ ତୁମେ ଜାଣ ଓ ତୁମର କାମ ଜାଣୁ ।

(ଯଦିଚ ତୈ କବିଲା ଲୋକମାନେ ତୁଲୈହା ସହିତ ମିଳିତ ହୋଇ ମୁସଲମାନମାନଙ୍କର ମୁକାବିଲା କରିବାପାଇଁ ଯୋଜନା ପ୍ରସ୍ତୁତ କରିଥିଲେ କିନ୍ତୁ ଯେତେବେଳେ ସେମାନେ ଖବର ପାଇଲେ ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କ କବିଲା ଉପରକୁ ଆକ୍ରମଣ କରିବାକୁ

ବାହାରିଛନ୍ତି ସେତେବେଳେ ସେମାନେ ନିଜ ଯୋଜନାକୁ ସ୍ଥଗିତ ରଖି ନିଜ କବିଲାର ସୁରକ୍ଷା ନିମନ୍ତେ ନିଜ କବିଲାରେ ହିଁ ରହିଲେ । ହଜରତ ଅଦି ର ଅ ସେମାନଙ୍କୁ ବୁଝାସୁଝା କରି କହିଲେ, ଯେ ଅବୁଲ୍ ଫସିଲ୍ ଅର୍ଥାତ ଲୋକମାନେ ହୀନମାନ ଓ ତିରସ୍କାର କରିବା ଉଦ୍ଦେଶ୍ୟରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ଓଟ ଛୁଆର ପିତା ବୋଲି କହୁଥିଲେ ସେ କହିଲେ ଅର୍ଥାତ ହଜରତ ଅଦି କହିଲେ, ଯେ ହେ ବସ୍ତିବାସିନ୍ଦା ଯେପର୍ଯ୍ୟନ୍ତ ତୁମେମାନେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଆନୁଗତ୍ୟ ସ୍ୱୀକାର କରିନାହଁ ସେ ପର୍ଯ୍ୟନ୍ତ ତୁମେ ତାଙ୍କ ପ୍ରକୋପରୁ ରକ୍ଷା ପାଇ ପାରିବ ନାହିଁ । ସେ ତୁମ ଉପରେ ଆକ୍ରମଣ କରି ତୁମକୁ ନୀହତ କରିଦେବେ ।)

ପୁଣି ଆଉ ଏକ ରିୱାୟତରେ ଆସିଛି ଯେ ସେ ନିଜ କବିଲାର ଲୋକମାନଙ୍କୁ ଏକଥା ମଧ୍ୟ କହିଥିଲେ ଯେ ପୁଣି ସେତେବେଳେ ତୁମେମାନେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ଫହଲୁଲ୍ ଅକ୍‌ବର୍ କୁନିୟତ୍ (ଅର୍ଥାତ ଫହଲୁଲ୍ ଅକ୍‌ବର୍ ସାଙ୍ଗିଆ) ନାମରେ ସମ୍ବୋଧିତ କରିବ । ଫହଲ୍ ପ୍ରତ୍ୟେକ ପଶୁ ମାନଙ୍କର ନରଙ୍କୁ କୁହାଯାଏ । ଅର୍ଥାତ୍ ଏବେ ତମେମାନେ ଥଟ୍ଟାରେ ଓ ପରିହାସ କରି ତାଙ୍କୁ ଓଟର ଛୋଟଛୁଆ କହୁଅଛ କିନ୍ତୁ ପୁଣି ତୁମେ ତାଙ୍କୁ ମଜଭୂତ ନର ଓଟ ବୋଲି ସମ୍ବୋଧନ କରିବ । ତୈ କବିଲାର ଲୋକମାନେ ତାଙ୍କ କଥା ଶୁଣିବା ପରେ କହିଲେ, ଆମ ଉପରେ ଆକ୍ରମଣ କରିବାକୁ ଅଗ୍ରସର ହେଉଥିବା ସୈନ୍ୟଦଳ ସହିତ ତୁମେ ଯାଇ ସାକ୍ଷାତ କର ଏବଂ ସେମାନଙ୍କୁ ଆମମାନଙ୍କ ଉପରେ ଆକ୍ରମଣ କରିବାରୁ ଅଟକାଅ । ଏହି ଅବଧିରେ ଆମେ ଯାଇ ନିଜ ଗୋଷ୍ଠୀର ଲୋକମାନଙ୍କୁ ଏଠାକୁ ଡ଼ାକିଆଣିବୁ ଯେଉଁମାନେ ବୁଜାଖାରେ ବସବାସ କରୁଛନ୍ତି ଓ ଆମେମାନେ ଆଶଙ୍କା କରୁଛୁ ,ଭୟ କରୁଛୁ ଯେ, ଆମ ଲୋକମାନେ ତାହା କବଳରେ ଏବଂ ତା କବ୍ଜାରେ ଥିବା ବେଳେ ଯଦି ଆମେ ତୁଲୈହାର ପ୍ରତିବାଦ କରିବୁ ତାହେଲେ ସେ ସେମାନଙ୍କୁ ହତ୍ୟା କରିଦେବ ବା ସେମାନଙ୍କୁ ଧରି ବନ୍ଦି କରିନେବ । ତା ସମ୍ବନ୍ଧରେ ଏକଥା ବହୁତ ପ୍ରଶିଦ୍ଧ ଥିଲା ଯେ, ସେ ନିଜ ବିରୋଧିମାନଙ୍କୁ କେବେ ବି ଛାଡ଼ି ନଥାଏ ଏବଂ ତୈ କବିଲାର ଲୋକମାନେ ମଧ୍ୟ କହିଲେ ଯେ , ଯଦି ତାକୁ ଟିକେ ଭନକ ଲାଗିଗଲା ଯେ ଆମେ ମୁସଲମାନ ହେବାକୁ ଯାଉଛୁ ତେବେ ତାହା ନିକଟରେ ଥିବା ଆମ ଲୋକମାନଙ୍କୁ ସେ ହତ୍ୟା କରିଦେବ ।

ହଜରତ ଅଦି ହଜରତ ଖାଲିଦ ର ଅଙ୍କୁ ସନାହ୍ ନାମକ ସ୍ଥାନରେ ସ୍ୱାଗତ କଲେ । ସନାହ ମଧ ମଦିନାର ନିକଟବର୍ତୀ ଏକ ଅଂଚଳର ନାମ । ହଜରତ ଅଦି ର ଅ କହିଲେ ହେ ଖାଲିଦ ର ଅ ! ଆପଣ ମତେ ତିନିଦିନ ମହଲତ ଦିଅନ୍ତୁ । ପାଂଚଶହ ବୀର ଯୋଦ୍ଧା ଆପଣଙ୍କ ସାଥିରେ ସାମିଲ ହୋଇଯିବେ ଫଳତଃ ଆପଣ ସେମାନଙ୍କ ସହିତ ମିଶି ଶତ୍ରୁର ମୁକାବିଲା କରିବେ । କଣ ଏକଥା ତା ଠାରୁ ଉତମ ନୁହେଁ ଯେ ଆପଣ ସେମାନଙ୍କୁ ଅର୍ଥାତ ସେହି କବିଲାର ଲୋକମାନଙ୍କୁ ନର୍କଗାମୀ କରିଦେବେ ଅର୍ଥାତ ତୈ କବିଲାର ସେହି ବୀର ଯୋଦ୍ଧାମାନେ ଆପଣଙ୍କ ସହିତ ଆସି ମିଶିଯିବେ ଏବଂ ସେମାନଙ୍କ ସହିତ ଲଢିବେ । ହଜରତ ଖାଲିଦ ର ଅ ତାଙ୍କ ପରାମର୍ଶକୁ ସ୍ୱୀକାର କରିନେଲେ । ହଜରତ ଅଦି ନିଜ କବିଲା ନିକଟକୁ ଆସିଲେ । ଏହା ପୂର୍ବରୁ ତୈ କବିଲାର ଲୋକମାନେ ବୁଜାଖାରୁ ନିଜ ଲୋକମାନଙ୍କୁ ଡ଼କାଇ ଆଣିବା ପାଇଁ ଲୋକ ପଠାଇ ସାରିଥିଲେ । କବିଲାର ଲୋକମାନେ ତୁଲୈହା ସେନା ଦଳରେ ଥିବା ନିଜ ଲୋକମାନଙ୍କ ନିକଟକୁ ବାର୍ତା ପ୍ରେରଣ କଲେ ଯେ ସେଠାରୁ ସଙ୍ଗେ ସଙ୍ଗେ ନିଜ ଅଂଚଳକୁ ଫେରି ଆସ । କାରଣ ମୁସଲମାନମାନେ ତୁଲୈହା ଉପରେ ଆକ୍ରମଣ କରିବା ପୂର୍ବରୁ ତୈ କବିଲା ଉପରେ ଆକ୍ରମଣ କରିବାର ଯୋଜନା ପ୍ରସ୍ତୁତ କରିଛନ୍ତି । ତେଣୁ ଏଠାକୁ ଆସି ନିଜ କବିଲା ଉପରେ ଆକ୍ରମଣ ହେବାରୁ କବିଲାକୁ ରକ୍ଷା କର । ସେମାନଙ୍କ ଆକ୍ରମଣର ପ୍ରତିରୋଧ କର । ଏପରି ଯୁଦ୍ଧ କୂଟନୀତି ସେମାନେ ଆପଣାଇଥିଲେ ଯଦ୍ୱାରା ତୁଲୈହା ନିକଟରୁ ତାଙ୍କ ସୈନିକମାନେ ନିଜ ଅଂଚଳକୁ ଫେରି ଆସିଥିଲେ । ଯଦି ଏପରି କରାଯାଇନଥାନ୍ତା ତେବେ ତୁଲୈହା ଓ ତାହାର ସାଥିମାନେ ସେମାନଙ୍କୁ ଜୀବିତ ଛାଡ଼ି ନଥାନ୍ତେ । ପୁଣି ହଜରତ ଅଦି ର ଅ ହଜରତ ଖାଲିଦ ବିନ୍ ୱଲିଦ ର ଅଙ୍କ ନିକଟକୁ ଆସି ନିଜ କବିଲା ତୈ ପୂର୍ନବାର ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିବା ସୂଚନା ଦେଲେ ।

ଏ ପ୍ରସଙ୍ଗରେ ଜଣେ ଇତିହାସ୍‌ବିତ୍ ଉଲ୍ଲେଖ କରିଛନ୍ତି ଯେ ହଜରତ ଅଦି ର ଅଙ୍କର ଏହା ଥିଲା ଗୋଟିଏ ବଡ଼ ସଫଳତା ଯେ ସେ ନିଜ ଗୋଷ୍ଠୀକୁ ଇସ୍‌ଲାମୀୟ ସେନାରେ ସାମିଲ ହେବାକୁ ଆମନ୍ତ୍ରିତ କରିଥିଲେ ।

କବିଲା ତୈ ର ସୈନିକମାନେ ହଜରତ ଖାଲିଦ ର ଅଙ୍କ ସହିତ ମିଳିତ ହୋଇଯାଇଥିଲେ ଯଦ୍ୱାରା ଶତ୍ରୁପକ୍ଷର ଏହା ଥିଲା ସର୍ବପ୍ରଥମ ପରାଜୟ । କାରଣ ତୈ କବିଲାର ଗଣନା ଆରବ ଉପଦ୍ୱୀପରେ ବସବାସ କରୁଥିବା ବୀର ସିପାହୀମାନଙ୍କ ମଧ୍ୟରେ ଓ ବୀର ସାହାସି ଯୋଦ୍ଧାମାନଙ୍କ ମଧରେ କରାଯାଉଥିଲା । ଅଧିକନ୍ତୁ ଅନ୍ୟ ଗୋଷ୍ଠୀ ସମୂହ ମଧ ସେମାନଙ୍କୁ ବିଶେଷ ଗୁରୁତ୍ୱ ଦେଉଥିଲେ ତାଙ୍କ ଶକ୍ତି ଓ ବୀରତା ଉପରେ ଲୋକମାନଙ୍କର ଭରଷା ଥିଲା । ନିଜ ଅଂଚଳରେ ସେମାନଙ୍କର ମାନ ସମ୍ମାନ ଓ ପ୍ରତାପ ରହିଥିଲା । ପଡୋଶି କବିଲା ଗୁଡ଼ିକ ତୈ କବିଲା ସହିତ ବନ୍ଧୁତ୍ୱ କରିବା ପାଇଁ ସର୍ବଦା ଚେଷ୍ଟିତ ଥିଲେ । **(ତାରିଖେ ତିବରୀ , ଖ-୦୨ , ପୃ-୨୬୦ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୫)(ଅବ୍ଦୁଲାଃ ବିନ୍ ସବା ଅଓର୍ ଦୁସରେ ତାରିଖି ଫସାନେ , ଖ-୦୨-୦୩ , ପୃ-୯୨ , ମୁତରଜିମ୍ ସୟଦ୍ କଲବୀ ହୁସୈନ୍ ରିଜୱି ମୁଦ୍ରିତ ୧୪୨୭ ହିଜ୍ରୀ)(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ୱ କାରନାମେ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ , ପୃ-୧୩୮ , ମୁଦ୍ରଣ ଶିରକତ୍ ପ୍ରିଟିଂ ପ୍ରେସ୍ ଲାହୋର୍)(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ୱ କାରନାମେ ଅଜ୍ ଡ଼ାକଟର୍ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ , ପୃ-୩୨୪, ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍)(ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ୱ କାରନାମେ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ଉର୍ଦ୍ଦୁ ଅନୁବାଦ ଶେଖ୍ ଅହମଦ୍ ପାନିପତୀ ପୃ-୧୫୭ )(ମୁଅଜମୁଲ୍ ବୁଲଦାନ୍ , ଖ-୦୩, ପୃ-୬ , ଖ-୦୧ ,ପୃ-୧୧୯)(ଅଲମୁନଜିଦ୍ , ପୃ-୫୮୫ , ଜେରେ ଲଫଜ୍ ଫସଲ୍ , ପୃ-୫୭୦-୫୭୧ ଜେରେ ଲଫଜ୍ ଫହଲ୍ )** (ଫରହଙ୍ଗ ସିରତ୍ , ଜୱାର ଏକାଡେମି କରାଚି)

ସେଥିଅନ୍ତେ ପୁଣି ହଜରତ୍ ଖାଲିଦ୍ ର ଅ କବିଲା ଜଦିଲାର ମୁକାବିଲା କରିବା ଉଦ୍ଦେଶ୍ୟରେ ଅଂସର ଆଡ଼କୁ ଅଗ୍ରସର ହେଲେ । ଅଂସର ମଧ୍ୟ କବିଲା ତୈ ର ଗୋଟିଏ ଝରଣାର ନାମ ଥିଲା । ସେମାନେ ସେହି ଝରଣାର ଆଖପାଖରେ ବସବାସ କରୁଥିଲେ । ହଜରତ ଅଦି ର ଅ ହଜରତ ଖାଲିଦ ର ଅଙ୍କୁ କହିଲେ, କବିଲା ତୈ ର ଉଦାହରଣ ଗୋଟିଏ ପକ୍ଷୀ ସଦୃଶ ଏବଂ କବିଲା ଜଦିଲା ହେଉଛି କବିଲା ତୈ ର ଦୁଇଟି ଡ଼େଣା ମଧରୁ ଗୋଟିଏ ଡ଼େଣା । ଆପଣ ମତେ କିଛି ଦିନ ସମୟ (ମହଲତ) ଦିଅନ୍ତୁ କାଳେ ଅଲ୍ଲାଃତାଲା ଜଦିଲା କବିଲାକୁ ମଧ ସତ୍‌ପଥ ଆଡ଼କୁ ନେଇଆସିବେ । କାଳେ ଏହି ଲୋକମାନେ ବିନା କୌଣସି ଯୁଦ୍ଧରେ ଏହି ପଥଭ୍ରଷ୍ଟତାରୁ ଉଦ୍ଧାର ପାଇଯିବେ । ଯେପରି ଦୟାମୟ ପ୍ରଭୁ କବିଲା ଗୌସ୍ ଅର୍ଥାତ୍ ତୈ କବିଲାର ଅନ୍ୟ ଶାଖାଗୁଡ଼ିକୁ ସତ୍‌ପଥ ଆଡ଼କୁ ଟାଣି ଆଣିଲେ । ଅତଏବ ହଜରତ ଅଦି ର ଅ କ୍ରମାଗତ ଭାବରେ ବୁଝାସୁଝା କରିବା ଫଳରେ ସେମାନେ ମଧ ହଜରତ ଅଦି ର ଅଙ୍କ ହାତରେ ଇସଲାମର ବୟତ କରିନେଲେ ଏବଂ ଇସ୍‌ଲାମ୍ ଧର୍ମରେ ସାମିଲ ହୋଇଗଲେ । ଏହି ସୁସମାଚାର ହଜରତ୍ ଅଦି ର ଅ ହଜରତ୍ ଖାଲିଦ୍ ର ଅ ଙ୍କୁ ଆସି ଦେଲେ ଏବଂ ସେହି କବିଲାର ଏକ ହଜାର ଆରୋହଣକାରୀଙ୍କ ସହିତ ମୁସଲମାନ ମାନଙ୍କ ନିକଟକୁ ଆସିଗଲେ । **(ତାରିଖେ ତିବରୀ , ଖ-୦୨ , ପୃ-୨୬୦ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)(ମୁଅଜମୁଲ୍ ବୁଲଦାନ୍ , ଖ-୦୧, ପୃ-୩୧୪)**

ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅ ତୈ କବିଲାର ଇସଲାମ୍ ଗ୍ରହଣ କରିବା ପରେ ତୁଲୈହା ଅସଦି ଆଡ଼କୁ ବାହାରିଲେ । ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅ ଯେବେ ଶତ୍ରୁ ମାନଙ୍କ ନିକଟରେ ପହଂଚିଲେ , ଆପଣ ର ଅ ହଜରତ୍ ଉକାଶାଃ ବିନ୍ ମିହସନ୍ ର ଅ ଏବଂ ହଜରତ୍ ସାବିତ୍ ବିନ୍ ଅକରାମ୍ ର ଅ , ଏହି ଦୁଇଜଣଙ୍କୁ ଶତ୍ରୁ ପକ୍ଷର ଖବର ଆଣିବା ପାଇଁ ଆଗରେ ପଠାଇଦେଲେ । (ଅର୍ଥାତ ସେମାନଙ୍କ ଉପରେ ଆକ୍ରମଣ କରିବା ପୂର୍ବରୁ ସେମାନଙ୍କ ସୁଚନା ଆଣିବା ପାଇଁ ଦୁଇଜଣ ପ୍ରତିନିଧିଙ୍କୁ ଗୁପ୍ତଚର ଭାବରେ ପ୍ରେରଣ କରିଥିଲେ ଯେ ଶତ୍ରୁର ଖବର ନେଇ ଆସନ୍ତୁ ଅତଏବ ଆଦେଶ ପାଳନ କରି ଦୁଇଜଣ ସାହାବା ଶତ୍ରୁ ନିକଟକୁ ଯାଇଥିଲେ)

ଯେବେ ସେମାନେ ଶତ୍ରୁ ମାନଙ୍କ ନିକଟରେ ପହଂଚିଲେ ତୁଲୈହା ଏବଂ ତାର ଭାଇ ସଲମାଃ ନିରିକ୍ଷଣ କରିବା ପାଇଁ ଅର୍ଥାତ ହାଲଚାଲ୍ ଜାଣିବା ପାଇଁ ବାହାରିଲେ । ସଲମାଃ ହଜରତ୍ ସାବିତ୍ ର ଅ ଙ୍କୁ ଅବସର ଦେଇନଥିଲେ ଏବଂ ତାଙ୍କୁବ ସେଠାରେ ଶହୀଦ୍ କରିଦେଇଥିଲେ । ଯେତେବେଳେ ତୁଲୈହା ଦେଖିଲା ଯେ ତାହାର ଭାଇ ନିଜ ଶତ୍ରୁକୁ (ଅର୍ଥାତ ଜଣେ ସାହାବିଙ୍କୁ )ନୀହତ କରିଦେଇସାରିଲାଣି ସେତେବେଳେ ସେ ନିଜ ମୁକାବିଲାରେ ଥିବା ଲୋକର ଅର୍ଥାତ୍ ଉକାଶାଃ ର ଅ ଙ୍କ ବିରୋଧରେ ଲଢ଼ିବା ପାଇଁ ନିଜ ଭାଇଙ୍କୁ ଡ଼ାକରା ଦେଲା ଯେ ଆସ ମତେ ସାହାଯ୍ୟ କର । ନଚେତ ଏହି ଲୋକ ଜଣକ ମତେ ଖାଇଯିବ । ଅତଏବ ସେ ଦୁଇ ଭାଇ ମିଳିତ ଭାବରେ ଉକାଶାଃ ର ଅ ଙ୍କ ଉପରେ ଆକ୍ରମଣ କଲେ ଏବଂ ତାଙ୍କୁ ମଧ୍ୟ ଶହୀଦ କରିଦେଲେ ଏବଂ ନିଜ ସ୍ଥାନକୁ ଫେରିଗଲେ ।

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଖାଲିଦ୍ ର ଅ ହଜରତ ଉକାଶାଃ ର ଅ ଙ୍କୁ ଓ ହଜରତ ସାବିତ୍ ଅନ୍‌ସାରୀ ର ଅଙ୍କୁ ଶତ୍ରୁର ସୁଚନା ଆଣିବା ପାଇଁ ଗୁପ୍ତଚର ଭାବରେ ପ୍ରେରଣ କରିଥିଲେ କିନ୍ତୁ ତୁଲୈହାର ଭାଇ ହିବାଲ୍ ସେମାନଙ୍କ ସମ୍ମୁଖକୁ ଆସିଯାଇଥିଲା ତେଣୁ ସେହି ଦୁଇଜଣ ମିଶି ହିବାଲକୁ ହତ୍ୟା କରିଦେଇଥିଲେ । କିଛି ମାତ୍ରାରେ ଏହା ସତ୍ୟ ଜଣାପଡୁଛି । ଅଲ୍ଲାଃତାଲା ଜାଣିଛନ୍ତି ସତ୍ୟ କଣ । ଆମକୁ ଜଣାନାହିଁ ଏହି କଥା କେତେ ଦୂର ସତ । କାରଣ ଏମାନେ ତ ସୁଚନା ସଂଗ୍ରହ କରିବାପାଇଁ ଯାଇଥିଲେ ,ଲଢ଼ିବା ପାଇଁ ଯାଇନଥିଲେ । ଯେତେବେଳେ ଏହି ସମ୍ବାଦ ତୁଲୈହା ନିକଟରେ ପହଂଚିଲା ସେତେବେଳେ ସେ ନିଜର ଭାଇ ସଲ୍‌ମାଃ ସହିତ ବାହାରିଲା ଏବଂ ତୁଲୈହା ହଜରତ୍ ଉକାଶାଃ ର ଅ ଙ୍କୁ ଶହୀଦ କରିଦେଲା ଏବଂ ତାଭାଇ ହଜରତ୍ ସାବିତ୍ ର ଅଙ୍କୁ ହତ୍ୟା କରି ଶହୀଦ କରିଦେଇଥିଲା । ପୁଣି ସେମାନେ ଅର୍ଥାତ୍ ତୁଲୈହା ଓ ତା ଭାଇ ସେଠାରୁ ଫେରି ଚାଲିଯାଇଥିଲେ । **(ତାରିଖେ ତିବରୀ , ଖ-୦୨ , ପୃ-୨୬୧-୨୬୨ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)(ଅଲକାମିଲ୍ ଫିତ୍‌ତାରିଖ୍ , ଖ-୦୨ , ପୃ-୨୦୮-୨୦୯ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୩)**

ଇତି ମଧରେ ହଜରତ ଖାଲିଦ୍ ର ଅ ନିଜ ସେନାବାହିନୀ ସହିତ ଆଗକୁ ଅଗ୍ରସର ହେଲେ । ଏପରିକି ସେ ସେହି ସ୍ଥାନରେ ପହଂଚିଗଲେ ଯେଉଁଠାରେ ହଜରତ ସାବିତ ର ଅଙ୍କ ମର ଶରୀର ପଡ଼ି ରହିଥିଲା । କିନ୍ତୁ ଏ ବିଷୟରେ କାହାକୁ ମଧ୍ୟ କୌଣସି ସୂଚନା ନଥିଲା । ଅଚାନକ କୌଣସି ଜଣେ ଆରୋହୀର ତାଙ୍କ ଉପରେ ପାଦ ପଡ଼ିଯାଇଥିଲା । ଏହି ଦୃଶ୍ୟ ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ ହୃଦୟ ବିଦାରକ ଥିଲା । ପୁଣି ଧ୍ୟାନପୂର୍ବକ ଦେଖିବାରୁ ଏକଥା ଜଣାପଡ଼ିଲା ଯେ ସେହି ସ୍ଥାନରେ ହଜରତ ଉକାଶାଃ ବିନ୍ ମିହସନ୍ ର ଅ ମଧ ସେଠାରେ ଶହୀଦ୍ ହୋଇ ପଡ଼ିରହିଥିଲେ । ଏତଦ୍‌ଦ୍ୱାରା ମୁସଲମାନମାନେ ଆହୁରି ଅଧିକା ମର୍ମାହତ ହୋଇପଡ଼ିଲେ ଏବଂ କହିଲେ ଯେ ମୁସଲମାନଙ୍କର ଦୁଇଜଣ ବଡ଼ ସରଦାର ଓ ଅଶ୍ୱାରୋହୀମାନଙ୍କ ମଧ୍ୟରୁ ଦୁଇଜଣ ଅଶ୍ୱାରୋହୀ ଶହୀଦ ହୋଇଯାଇଛନ୍ତି । ଏପରି ପରିସ୍ଥିତିକୁ ଦେଖି ହଜରତ ଖାଲିଦ ର ଅ ଯୁଦ୍ଧ ପାଇଁ ନିଜ ରଣନୀତି ପ୍ରସ୍ତୁତ କଲେ ଏବଂ ତୈ କବିଲା ଆଡ଼କୁ ଲେଉଟି ଆସିଲେ

। ଆଉ ଗୋଟିଏ କଥନ ଅନୁସାରେ ହଜରତ୍ ଅଦି ବିନ୍ ହାତିମ୍ କୁହନ୍ତି ଯେ ମୁଁ ହଜରତ ଖାଲିଦ ର ଅ ଙ୍କ ନିକଟକୁ ଖବର ପଠାଇଲି ଯେ ସେ ଆସି ମୋ ନିକଟରେ କିଛି ଦିନ ରହନ୍ତୁ । ମୁଁ ତୈ ର ସମସ୍ତ କବିଲା ଆଡ଼କୁ ଲୋକ ପଠାଉଛି । ଏବଂ ଏହି ସମୟ ମଧ୍ୟରେ ମୁଁ ଆପଣଙ୍କ ସେନା ଅପେକ୍ଷା ଅଧିକା ସୈନ୍ୟ ଆପଣଙ୍କ ପାଇଂ ଏକାଠି କରିଦେବି । ପୁଣି ମୁଁ ନିଜେ ଆପଣଙ୍କ ଶତ୍ରୁଙ୍କ ସହିତ ଲଢିବା ପାଇଂ ଆପଣଙ୍କ ସହିତ ଯିବି । ସୁତରାଂ ସେ ମୋ ଆଡ଼କୁ ଚାଲି ଆସିଲେ ।

ଆଉ ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜରତ ଖାଲିଦ ର ଅ ସଲ୍ମା ବସ୍ତିର ଉରୁକ୍ ନାମକ ସ୍ଥାନରେ ଅବସ୍ଥାନ କରିଥିଲେ । କିନ୍ତୁ ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ହଜରତ ଖାଲିଦ ର ଅ ଅଜାଅ ନାମକ ସ୍ଥାନରେ ଅବସ୍ଥାନ କରିଥିଲେ । ସେହି ସ୍ଥଳୁ ହଜରତ ଖାଲିଦ ର ଅ ନିଜର ସେନାବାହିନୀକୁ ଧରି ତୁଲୈହା ସହିତ ମୁକାବିଲା ପାଇଁ ବାହାରିଥିଲେ ଏବଂ ନିଜର ରଣନୀତି ପ୍ରସ୍ତୁତ କରି ନିଜ ସେନାକୁ ସୁସଜ୍ଜିତ କରିଥିଲେ ଅର୍ଥାତ ଏହିଠାରୁ ସେ ନିଜ ସୈନ୍ୟର କ୍ରମସଜ୍ଜା କରିଥିଲେ । ବୁଜାଖା ସ୍ଥାନରେ ଉଭୟ ଦଳ ମୁହାଁ ମୁହିଁ ହେଲେ । ଯେତେବେଳେ ଲୋକମାନେ ପରସ୍ପର ସହିତ ଲଢ଼ିବା ଆରମ୍ଭ କଲେ ସେତେବେଳେ ଉୟୈନା ବନୁ ଫଜାରାଃର ୭୦୦ ସୈନିକ ସହିତ ଆସି ତୁଲୈହାକୁ ସାହାଯ୍ୟ କରିବାପାଇଁ ତୁଲୈହା ସଙ୍ଗେ ମିଶି ଭିଷଣ ଯୁଦ୍ଧ କଲା ।

ଉୟୈନା ଏବଂ ତୁଲୈହା ଏକାଠି ମିଶିଗଲେ । ସେମାନେ ମୁସଲମାନ ମାନଙ୍କ ବିରୁଦ୍ଧରେ ଯୁଦ୍ଧ କଲେ । ତୁଲୈହା ନିଜ ଉନି ଶିବିର ବାହାରେ ଚଦର ଘୋଡ଼ି ବସିଥିଲା ଯେହେତୁ ସେ ନିଜକୁ ନବୀ ମଣୁଥିଲା ତେଣୁ ସେ ଶିବିର ବାହାରେ ଆସ୍ଥାନ ଜମାଇ ଆଗତ ଭବିଷ୍ୟତ ଖବର କହୁଥିଲା ଯେ ତୁମେମାନେ ଯୁଦ୍ଧ ଲଢ଼ ମୁଁ ଏଠାରେ ବସି ତାହାର ପରିଣାମ ସମ୍ପର୍କରେ ତୁମକୁ କହିବି ଯେ, ଏହି ଯୁଦ୍ଧର ପରିଣାମ କଣ ହେବ? ଯେବେକି ଲୋକମାନେ ଯୁଦ୍ଧରେ ବ୍ୟସ୍ତ ଥିଲେ । ଯେବେ ଏହି ଯୁଦ୍ଧରେ ଉୟୈନାକୁ କଷ୍ଟ ସହିବାକୁ ପଡ଼ିଲା ଅର୍ଥାତ୍ ପ୍ରବଳ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । ସେବେବେଳେ ସେ ତୁଲୈହା ନିକଟକୁ ଆସି କହିଲା କଣ ଏପର୍ଯ୍ୟନ୍ତ ଜିବ୍ରିଲ୍ ତୁମ ନିକଟକୁ ଆସିନାହାନ୍ତି କି ? ଆମେ ତ ଯୁଦ୍ଧ ହାରିବାକୁ ବସିଲେଣି ଆଉ ତୁମେ ଏବେ ମଧ୍ୟ କହୁଛ ଯେ ତୁମକୁ ଐଶିବାଣୀ ହେଉଛି । କଣ ଏପର୍ଯ୍ୟନ୍ତ ଜିବ୍ରିଲ୍ ତୁମକୁ ଯୁଦ୍ଧ ପରିଣାମ ସମ୍ପର୍କରେ ଅବଗତ କରାଇନାହାନ୍ତି ? ସେ ଉତର ଦେଲା ନା ଜିବ୍ରିଲ୍ ଏପର୍ଯ୍ୟନ୍ତ ଆସିନାହାନ୍ତି । ଉୟୈନା ରଣକ୍ଷେତ୍ରକୁ ଫେରିଗଲା ଏବଂ ଯୁଦ୍ଧରେ ମାତିଗଲା । ଯେତେବେଳେ ତାକୁ ଏହି ଯୁଦ୍ଧରେ ଅସୁବିଧା ଭୋଗିବାକୁ ପଡ଼ିଲା ସେତେବେଳେ ପୁନଶ୍ଚ ସେ ଉତ୍ୟକ୍ତ ହୋଇ ତୁଲୈହା ନିକଟରେ ଆସି ପହଂଚିଲା । ପୂର୍ନବାର ସେ ତୁଲୈହାକୁ ପଚାରିଲା ଯେ କଣ ଏପର୍ଯ୍ୟନ୍ତ ମଧ୍ୟ ଜିବ୍ରିଲ୍ ତୁମ ନିକଟକୁ ଆସିନାହାନ୍ତି ? ତୁଲୈହା ଉତର ଦେଲା ନା ଏପର୍ଯ୍ୟନ୍ତ ସୁଦ୍ଧା ଆସିନାହାନ୍ତି । ଉୟୈନା କ୍ରୋଧିତ ହୋଇ କହିଲା ତେବେ ସେ କେବେ ଆସିବେ ? ଆମର ତ ସର୍ବନାଶ ହେବାକୁ ବସିଲାଣି । ସେଥିଅନ୍ତେ ସେ ପୂର୍ନବାର ରଣକ୍ଷେତ୍ରକୁ ଫେରିଗଲା । ଏଥରକ ଯେତେବେଳେ ଉୟୈନା ଅସଫଳ ରହିଲା ସେ ତୁଲୈହା ନିକଟକୁ ଆସି କହିଲା କଣ ଏପର୍ଯ୍ୟନ୍ତ ସୁଦ୍ଧା ଜିବ୍ରିଲ୍ ତୁମ ନିକଟକୁ ଆସିନାହାନ୍ତି ? ଏଥରକ ତୁଲୈହା ଉତର ଦେଲା ହଁ ଆସିଗଲେଣି । ସେ ପଚାରିଲା ତେବେ ସେ କଣ କହୁଛନ୍ତି ? ସେ ଉତର ଦେଲା ଜିବ୍ରିଲ୍ କହିଲେ ତୁମ ଚକି ବି ସେମାନଙ୍କ ଚକି ପରିକା ହେବ । ଏବଂ ଏପରି ଏକ ଘଟଣ ଘଟିବ , ଯାହାକୁ ତୁମେ କଦାପି ଭୂଲି ପାରିବ ନାହିଁ । ଉୟୈନା ନିଜ ମନରେ କହିଲା ପ୍ରଭୁ ଜାଣନ୍ତି ଖୁବ୍ ଶିଘ୍ର ଏଭଳି ଘଟଣା ଘଟିବ ଯାହାକୁ ତୁମେ କଦାପି ବଦଳାଇପାରିବ ନାହିଁ କି ଭୂଲି ପାରିବ ନାହିଁ । ପୁନଶ୍ଚ ସେ ନିଜର ଗୋଷ୍ଠୀ ନିକଟକୁ ଗଲା ଏବଂ ତାଙ୍କୁ କହିଲା ଯେ ହେ ବନୁ ଫୁଜାରା ? ପ୍ରଭୁଙ୍କ ରାଣ ଏ ତୁଲୈହା ଜଣେ ମିଥ୍ୟାବାଦୀ । ତେଣୁ ତୁମେମାନେ ଏଠାରୁ ଫେରିଯାଅ । ବସ୍ତୁତଃ ଫୁଜାରାର ସମସ୍ତ ସଦସ୍ୟ ଯୁଦ୍ଧରୁ ବୀରତ ହୋଇ ପୃଥକ ହୋଇଗଲେ । ସେମାନେ ପରାଜିତ ହୋଇ ତୁଲୈହା ଆଖପାଖରେ ରୁଣ୍ଡ ହୋଇ ତାକୁ ପଚାରିଲେ ଏବେ ଆପଣ ଆମମାନଙ୍କୁ କ'ଣ ଆଦେଶ ଦେଉଛନ୍ତି ? ଏହା ପୂର୍ବରୁ ତୁଲୈହା ନିଜର ଘୋଡ଼ାକୁ ପ୍ରସ୍ତୁତ କରି ରଖିଥିଲା ଏବଂ ନିଜ ପତ୍ନୀ ନୱାର ନିମନ୍ତେ ଗୋଟିଏ ଓଟ ପ୍ରସ୍ତୁତ କରି ରଖିଥିଲା । ସେ ଛିଡ଼ା ହେଲା ଏବଂ ନିଜ ଘୋଡ଼ା ପିଠିରେ ଚଢିଗଲା ଏବଂ ନିଜ ସାଥିମାନଙ୍କୁ କହିଲା ତୁମମାନଙ୍କ ମଧ୍ୟରୁ ଯିଏ କେହି ପଳାୟନ କରିବାକୁ ସାମର୍ଥ୍ୟ ରଖୁଛି ସେ ରଣକ୍ଷେତ୍ରରୁ ପଳାୟନ କରିଯାଉ । ଯେମିତି ଏବେ ମୁଁ କରୁଅଛି ଏବଂ ନିଜ ପରିବାରକୁ ବଂଚାନ୍ତୁ । ଏହି ରଣ କ୍ଷେତ୍ର ଛାଡ଼ି ଚାଲିଯାଆନ୍ତୁ । ପୁଣି ତୁଲୈହା ହୌଶିୟା ଆଡ଼କୁ ଚାଲିଗଲା । ଏପରିକି ସେ ସିରିଆରେ ପହଂଚିଗଲା । ତାହାର ଦଳ ଛିନ୍ନ ବିଛିନ୍ନ ଅର୍ଥାତ ଛିନ୍ନଛତ୍ର ହୋଇଗଲା ଏବଂ ଅଲ୍ଲାଃତାଲା ସେମାନଙ୍କ ମଧ୍ୟରୁ ଅନେକ ଲୋକଙ୍କୁ ମାରିଦେଲେ । ବହୁତ ଲୋକେ ମରିଗଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ତୁଲୈହା ରଣକ୍ଷେତ୍ରରୁ ପଳାୟନ କରି ନକାଆ ଠାରେ ବନୁ କଲବ୍ ନିକଟରେ ଶରଣ ନେଇଥିଲା । ସେଠାରେ ଯାଇ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲା । ନକାଆ ମଧ୍ୟ ତାଏଫ ଇଲାକାର ମକ୍କା ନିକଟସ୍ଥ ଗୋଟିଏ ସ୍ଥନର ନାମ । ଏକଥା ବି କୁହାଯାଏ ଯେ ସେ ହଜରତ୍ ଅବୁ ବକର୍ ର ଅ ଙ୍କ ଦେହାନ୍ତ ପର୍ଯ୍ୟନ୍ତ ବନୁ କଲବରେ ହିଁ ରହିଥିଲା । **(ମୁଅଜମୁଲ୍ ବୁଲଦାନ୍ , ଖ-୦୫, ପୃ-୩୬୪ , ଖ-୦୨ , ପୃ-୨୧୫) (ତାରିଖେ ତିବରୀ , ଖ-୦୨ , ପୃ-୨୬୧-୨୬୨,୨୬୪ ,ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ବନୁ ଆମିର୍ ନିଜ ସମଗ୍ର ଜନତାଙ୍କ ସହିତ ତା ନିକଟରେ ବସିଥିଲେ ଏବଂ ସଲିମ୍ ସମ୍ପ୍ରଦାୟ ଓ ହୱାଜିନ୍ ସମ୍ପ୍ରଦାୟର ମଧ୍ୟ ସମାନ ଅବସ୍ଥା ଥିଲା । ପୁନଶ୍ଚ ଅଲ୍ଲାଃ ତାଲା ଯେତେବେଳେ ବନୁ ଫୁଜାରା ଓ ବନୁ ତୁଲୈହାକୁ ସୋଚନୀୟ ଭାବେ ପରାଜୟ କଲେ, ସେତେବେଳେ ସେମାନେ ଏହା କହିଲେ ଯେ ଆମେମାନେ ଯେଉଁ ଧର୍ମକୁ ପରିତ୍ୟାଗ କରି ଆସିଥିଲୁ ଆମେ ପୁନଃ ସେହି ଧର୍ମକୁ ପ୍ରତ୍ୟାବର୍ତନ କରୁଅଛୁ ଅର୍ଥାତ ସେହି ଧର୍ମକୁ ଗ୍ରହଣ କରୁଅଛୁ । ଅତଏବ ସେମାନେ ଇସ୍‌ଲାମ୍ ଧର୍ମରେ ନିଜେ ହିଁ ଆସି ସାମିଲ ହୋଇଗଲେ ଏବଂ କହିଲେ ଆମେମାନେ ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହଙ୍କ ଉପରେ ବିଶ୍ୱାସ ଆଣୁଛୁ । ନିଜ ଧନ ଓ ଜୀବନ ସଂକ୍ରାନ୍ତରେ ତାହାଙ୍କ ବାର୍ତାବହଙ୍କ ନିଷ୍ପତିକୁ ସ୍ୱୀକାର କରି ଇସ୍‌ଲାମ୍ ଧର୍ମ ଗ୍ରହଣ କରୁଛୁ ।**(ତାରିଖେ ତିବରୀ , ଖ-୦୨ , ପୃ-୨୬୦-୨୬୨,ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ତିବ୍‌ରୀର ଇତିହାସ ପୃଷ୍ଠାରେ ଗୋଟିଏ ରିୱାୟତ୍ ବର୍ଣ୍ଣିତ ରହିଛି ଯେ ବୁଜାଖା ବାସୀଙ୍କ ପରାଜୟ ପରେ ବନୁ ଆମିର ଆସି କହିଲେ ଯେ ଆମେମାନେ ଯେଉଁ ଧର୍ମରୁ ଓହରି ଯାଇଥିଲୁ ସେହି ଧର୍ମକୁ ପୂର୍ନବାର ପ୍ରତ୍ୟାବର୍ତନ କରୁଅଛୁ । ହଜରତ ଖାଲିଦ ର ଅ ସେହି ସମ୍ପ୍ରଦାୟ ନିକଟରେ ଏହି ସର୍ତ ରଖି ବୟତ ନେଲେ ଯାହା ଆପଣ ର ଅ ବୁଜାଖାବାସୀ ଅର୍ଥାତ୍ ଅସଦ୍ ,ଗତ୍‌ଫାନ୍ ଏବଂ ତୈ କବିଲା ଠାରୁ ବୟତ ନେଇଥିଲେ । ସେମାନେ ସମସ୍ତେ ଇସଲାମ୍ ଗ୍ରହଣ କରିବା ସର୍ତରେ ଆଜ୍ଞାବହତା ସ୍ୱୀକାର କରିନେଲେ । ସେହି ବୟତର ଶବ୍ଦଗୁଡ଼ିକ ଏପରି ଥିଲା ଯେ, ତୁମମାନଙ୍କଠାରୁ ଚୁକ୍ତି ଓ ପ୍ରତିଶୃତି/ପ୍ରତିଜ୍ଞା ନିଆଯାଉଛି ଯେ ତୁମେମାନେ ଅବଶ୍ୟ ଅଲ୍ଲାଃ ଓ ତାହାଙ୍କ ବାର୍ତାବହଙ୍କ ଉପରେ ବିଶ୍ୱାସ ଆଣିବ, ନମାଜ ପାଠ କରିବ ତଥା ଜକାତ୍ ପଇଠ କରିବ । ଏହି ସମାନ କଥା ଉପରେ ତୁମେମାନେ ନିଜ ସ୍ତ୍ରୀ ପିଲାମାନଙ୍କ ତରଫରୁ ବି ବୟତ କରିବ । **(ଅଲକାମିଲ୍ ଫିତ୍ ତାରିଖ୍ , ଖ-୦୨ ,ପୃ-୨୧୦-୨୧୧ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ହଜରତ ଖାଲିଦ ର ଅ ଅସଦ୍ , ଗତ୍‌ଫାନ୍, ହୱାଜିନ୍, ସୁଲିମ୍ ଓ ତୈ କବିଲା ମାନଙ୍କ ମଧ୍ୟରୁ କାହାର ବୟତ ନେଲେନାହିଁ ,କେବଳ ସେହି ଲୋକମାନଙ୍କର ବୟତ ନେଲେ ,ଯେଉଁମାନେ ଇସ୍‌ଲାମ୍ ଧର୍ମରୁ ଓହରି ଯାଇଥିବା ଅବସ୍ଥାରେ ନିଜ ଅଂଚଳରେ ବସବାସ କରୁଥିବା ମୁସଲମାନମାନଙ୍କୁ ଅଗ୍ନୀରେ ଦଗ୍ଧ କରିଥିଲେ ସେମାନଙ୍କ ବିପରିତ ଅଙ୍ଗକୁ କାଟି ଦେଇଥିଲେ ଏବଂ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଥିବା ଉପଦ୍ରବୀମାନଙ୍କୁ ମୁସଲମାନମାନଙ୍କ ହାତକୁ ଟେକି ଦେଇଥିଲେ ।

ହଜରତ ଖାଲିଦ ର ଅ ଏହି ସର୍ତ ରଖି ସେମାନଙ୍କଠାରୁ ବୟତ ଗ୍ରହଣ କରିଥିଲେ ଯେ ସେମାନେ ପ୍ରଥମେ ନିଜର ସେହି ଉପଦ୍ରବୀମାନଙ୍କୁ ହଜରତ ଖାଲିଦ ର ଅଙ୍କୁ ସର୍ମପଣ କରିବେ, ଯେଉଁମାନେ କି ମୁସଲମାନମାନଙ୍କୁ କ୍ଷତି ପହଂଚାଇଛନ୍ତି । ମୁସଲମାନମାନଙ୍କୁ ନିର୍ମମଭାବେ ହତ୍ୟା କରିଛନ୍ତି । ନିର୍ମମ ଭାବେ ଅଗ୍ନୀରେ ଦଗ୍ଧ କରିଛନ୍ତି, ସେମାନଙ୍କ ଘରକୁ ନିଆଁ ଲଗାଇ ଦେଇଛନ୍ତି । ସେ କହିଲେ ଯେ ଯଦି ତୁମେମାନେ ସେମାନଙ୍କୁ ଆମ ହାତରେ ଟେକିଦେବ ତାହେଲେ ତୁମମାନଙ୍କର ବୟତ ଗ୍ରହଣ କରାଯିବ । ସେହି ସମସ୍ତ ଅପରାଧିମାନଙ୍କୁ ଆମ ନିକଟରେ ପେଶ୍ କରାଯାଉ । (ଅର୍ଥାତ୍ ସେମାନେ ଯେଉଁଭଳି ମୁସଲମାନମାନଙ୍କ ସହିତ ଆଚରଣ ପ୍ରଦର୍ଶନ କରିଥିଲେ ତାଙ୍କ ସହିତ ହଜରତ ଖାଲିଦ ର ଅ ମଧ ସମାନ ଆଚରଣ ପ୍ରଦର୍ଶନ କରିଥିଲେ ଓ ପ୍ରତିଶୋଧ ନେଇଥିଲେ) । ସୁତରାଂ ସେହି ସମସ୍ତ କବିଲାଗୁଡ଼ିକ ସେହି ଅପରାଧିମାନଙ୍କୁ ହଜରତ୍ ଖାଲିଦଙ୍କ ହାତରେ ଟେକିଦେଇଥିଲେ । ଏଥିରେ ହଜରତ୍ ଖାଲିଦ୍ ର ଅ ସେହି ଅପରାଧିମାନଙ୍କ ବ୍ୟତୀତ ବାକି କବିଲାର ଅନ୍ୟ ସମସ୍ତ ଲୋକମାନଙ୍କଠାରୁ ବୟତ ନେଇଥିଲେ । ଯେଉଁ ଲୋକମାନେ ମୁସଲମାନ ମାନଙ୍କ ଉପରେ ଅତ୍ୟାଚାର କରିଥିଲେ ସେମାନଙ୍କ ଅଙ୍ଗକୁ କାଟିଦେଲେ ଏବଂ ସେମାନଙ୍କୁ ଅଗ୍ନୀରେ ପକାଇଦେଇଥିଲେ । **(ଅଲଇସତକ୍‌ସାଲ୍ ଅଖବାର୍ ଦୌଲୁଲ୍ ମଗରିବୁଲ୍ ଅକସା , ଭାଗ-୦୧ , ପୃ-୭୬ , ମୁଦ୍ରଣ ଦାରୁଲ୍ କିତାବ୍ ୧୯୯୭)**

ସେ ଯାହା ହେଉ ନା କାହିଁକି ସେହି ଉପଦ୍ରବୀମାନେ ମୁସଲମାନମାନଙ୍କ ଉପରେ ଯେଉଁ ଅକଥନୀୟ ଅତ୍ୟାଚାର କରିଥିଲେ, ଯେପରି କି ଗତ ଖୁତ୍‌ବାରେ ମୁଁ ବର୍ଣ୍ଣନା କରିସାରିଛି ଯେ ଦଣ୍ଡ ପୂର୍ବକ ସେହି ଉପଦ୍ରବୀମାନଙ୍କ ସହିତ ସେହିଭଳି ବ୍ୟବହାର ପ୍ରଦର୍ଶନ କାଯାଇଥିଲା ।

ହଜରତ ଖାଲିଦ ର ଅ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ସେବାରେ ଗୋଟିଏ ଚିଠି ଲେଖିଥିବା ବିଷୟ ଉଲ୍ଲେଖ ରହିଛି ଯେ, ହଜରତ ଖାଲିଦ ବିନ୍ ୱଲିଦ୍ କୁର୍‌ରା ବିନ୍ ହୁବୈରାଃ ଓ ତା'ର କେତେକ ସାଥିମାନଙ୍କୁ ଦଉଡ଼ିରେ ବାନ୍ଧି ଦେଲେ ଓ ପୁଣି କୁର୍‌ରା ଏବଂ ଅନ୍ୟ କଏଦୀମାନଙ୍କୁ ହଜରତ ଖାଲିଦ ର ଅ ହଜରତ୍ ଅବୁ ବକର ର ଅଙ୍କ ନିକଟକୁ ପ୍ରେରଣ କରିଦେଲେ । ସେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ ପତ୍ର ଲେଖିଲେ ଯେ ବନୁ ଆମୀର ସମ୍ପ୍ରଦାୟ ଇସ୍‌ଲାମ୍ ଧର୍ମରୁ ଓହରି ଯିବା ପରେ ତଥଅ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ପୂର୍ନବାର ଇସ୍‌ଲାମ୍ ଧର୍ମକୁ ଗ୍ରହଣ କରିନେଇଛି । ଯେଉଁ ସମ୍ପ୍ରଦାୟ ମାନଙ୍କ ସହିତ ମୋର ଯୁଦ୍ଧ ହେଲା ବା ଯେଉଁମାନଙ୍କ ସହିତ ସନ୍ଧି ସ୍ଥାପନ ହେଲା , ମୁଁ ସେମାନଙ୍କ ମଧ୍ୟରୁ କାହାର ବୟତ ନେଇନାହିଁ । ଏପରିକି ସେମାନେ ସେହି ଲୋକମାନଙ୍କୁ ମୋ ନିକଟକୁ ଘେନି ଆସିଲେ ଯେଉଁମାନେ ମୁସଲମାନମାନଙ୍କ ଉପରେ ନାନା ପ୍ରକାରର ଅତ୍ୟାଚାର କରିଥିଲେ । ମୁଁ ସେମାନଙ୍କୁ ବନ୍ଧ କରିଦେଲି । କୁର୍‌ରାଃ ଏବଂ ତା ସାଥିମାନଙ୍କୁ ମୁଁ ଆପଣଙ୍କ ସେବାରେ ପ୍ରେରଣ କରୁଅଛି ।

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ମଧ୍ଧ ଖାଲିଦ ର ଅଙ୍କ ନାମରେ ଏକ ପତ୍ର ଲେଖି ପ୍ରେରଣ କରିଥିଲେ ଯେ, ତୁମେ ଯାହା କିଛି କଲ, ତୁମକୁ ଯେଉଁ ସଫଳତା ପ୍ରାପ୍ତି ହେଲା ଅଲ୍ଲାଃ ତାଲା ଏଥିପାଇଁ ତୁମକୁ ତାହାର ପ୍ରତିଫଳ ପ୍ରଦାନ କରନ୍ତୁ । ତୁମେ ନିଜର ପ୍ରତ୍ୟେକ କାର୍ଯ୍ୟରେ ଅଲ୍ଲାଃ ତାଲାଙ୍କୁ ଭୟ କରୁଥାଅ । **ଇନ୍ନଲ୍ଲାହା ମାଅଲ୍ ଲଜିନତ୍ ତକଓ ୱଲ୍ ଲଜିନା ହୁମ୍ ମୁହସିନୁନ୍ (ସୁରଃ ନହଲ୍ : ୧୨୯)** ଅର୍ଥାତ ନିଃସନ୍ଦେହ ରୂପେ ଅଲ୍ଲାଃ ତାଲା ସେହି ଲୋକମାନଙ୍କ ସହିତ ଥାଆନ୍ତି ଯେଉଁମାନେ ଧର୍ମ ପରାୟଣ ଏବଂ

ଯେଉଁମାନେ ଅନ୍ୟମାନଙ୍କର ଉପକାର କରିଥାନ୍ତି ।

ତେଣୁ ତୁମେମାନେ ଅଲ୍ଲାଃ ତାଲାଙ୍କ କାର୍ଯ୍ୟରେ ସମ୍ପୂର୍ଣ୍ଣ ପ୍ରୟାସ କର, ଅଳସୁଆମି ପ୍ରଦର୍ଶନ କରନାହିଁ । ଯଦି କିଏ କୌଣସି ମୁସଲମାନକୁ ହତ୍ୟା କରିଥିବ ଓ ସେ ତୁମମାନଙ୍କ ହାତ ମୁଠାକୁ ଚାଲି ଆସେ , ତେବେ ଅବଶ୍ୟ ତାକୁ ଶାସ୍ତି ଆକାରରେ ହତ୍ୟା କରିଦିଅ ଏବଂ ତାକୁ ଏପରି ହତ୍ୟା କର ଯେପରି ଅନ୍ୟମାନେ ଏଥିରୁ ଶିକ୍ଷା ହାସଲ କରିବେ । ଏପରି ଲୋକେ ଯେଉଁମାନେ ଅଲ୍ଲାଃ ତାଲାଙ୍କ ଆଦେଶାବଳୀ ପ୍ରତି ଅବମାନନା ପ୍ରଦର୍ଶନ କରିଥଅନ୍ତି ଏବଂ ଇସ୍‌ଲାମ୍‌ର ଶତ୍ରୁ ହୋଇଥାନ୍ତି , ଯଦି ସେମାନଙ୍କୁ ବନ୍ଧ କରିବା ଫଳରେ ଇସ୍‌ଲାମ୍‌ର କୌଣସି ଲାଭ ସାଦ୍ଧିତ ହେଉଛି , ତେବେ ସେମାନଙ୍କୁ ହତ୍ୟା କରିପାର । ହଜରତ ଖାଲିଦ ର ଅ ଦୀର୍ଘ ଏକମାସ ଧରି ବୁଜାଖାରେ ଅବସ୍ଥାନ କଲେ ଏବଂ ସେଠାରେ ଏହିପରିକା ଲୋକମାନଙ୍କର ସନ୍ଧାନରେ ଚାରିଆଡ଼େ ଛାପାମାରିଲେ ଏବଂ ସେହି ସମସ୍ତ ଲୋକମାନଙ୍କୁ ଗିରଫ କଲେ ଯେଉଁମାନେ ଅପରାଧୀ ଥିଲେ । **(ତାରିଖେ ତିବରୀ , ଖ-୦୨ , ପୃ-୨୬୫, ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୫)**ଏହି ଭଳି ଭାବରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଆଦେଶାବଳୀ କ୍ରମେ ସେହି ଉପଦ୍ରବୀ ଓ ବିଧର୍ମୀମାନଙ୍କୁ ସେ କଠୋର ଶାସ୍ତି ଦେଇଥିଲେ ।

କୁର୍‌ରାଃ ବିନ୍ ହୁବୈରାଃ ଉଓ୍ୱେନା ବିନ୍ ହିସନ୍ ଉଭୟେ ବନ୍ଦି ହୋଇ ମଦିନାକୁ ଆସିବା ସଂକ୍ରାନ୍ତରେ ତିବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ ହଜରତ ଖାଲିଦ ର ଅ ବନୁ ଆମୀର ପ୍ରସଙ୍ଗରେ ସମାଧାନ କରି ଯେତେବେଳେ ସେମାନଙ୍କଠାରୁ ବୟତ ନେଲେ ସେତେବେଳେ ଉଓ୍ୱେନା ବିନ୍ ହିସମ୍ ଓ କୁର୍‌ରା ବିନ୍ ହୁବୈରାଙ୍କୁ କୈଦ୍ କରି ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ ପ୍ରେରଣ କଲେ । ଯେତେବେଳେ ଏ ଦୁହେଁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ସମକ୍ଷରେ ଉପସ୍ଥିତ ହେଲେ ସେତେବେଳେ କୁର୍‌ରା କହିଲା ହେ ରସୁଲୁଲାଃ ସ ଆ ସଙ୍କ ଖଲିଫା ! ମୁଁ ମୁସଲମାନ ହୋଇଯାଇଛି । ହଜରତ ଉମ୍‌ରୋ ବିନ୍ ଆସ ର ଅ ମୋ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର ସାକ୍ଷ୍ୟ ଅଟନ୍ତି । ସେ ଯାତ୍ରା ସମୟରେ ଯେତେବେଳେ ମୋ ନିକଟକୁ ଆସିଥିଲେ ସେତେବେଳେ ମୁଁ ତାଙ୍କୁ ନିଜର ଅତିଥି ରୂପେ ଗ୍ରହଣ କରିନେଇଥିଲି, ତାଙ୍କର ଆତିଥ୍ୟତା କରିଥିଲି , ତାଙ୍କର ସତ୍କାର କରିଥିଲି ଏବଂ ତାଙ୍କୁ ସୁରକ୍ଷା ପ୍ରଦାନ କରିଥିଲି । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଅମ୍‌ରୋ ବିନ୍ ଆସ ର ଅଙ୍କୁ ଡ଼କାଇ ପଠାଇଲେ ଏବଂ ତାଙ୍କଠାରୁ ଏ କଥାର ପୁଷ୍ଟି କରିବାକୁ ଚାହିଁଲେ । କୁର୍‌ରା ଯେଉଁ ସବୁ କଥା କହିଥିଲା ହଜରତ ଉମ୍‌ରୋ ସେହି ସମସ୍ତ ଘଟଣାବଳୀକୁ ବର୍ଣ୍ଣନା କରିଥିଲେ, ଏବଂ ଯେତେବେଳେ ଜକାତ ବିଷୟରେ କଥା ବର୍ଣ୍ଣନା କରିବାକୁ ଲାଗିଲେ ସେତେବେଳେ କୁରରାଃ କହିଲା ସେତିକି କୁହନ୍ତୁ , ଆଉ ଆଗକୁ ବର୍ଣ୍ଣନା କରନ୍ତୁ ନାହିଁ । ପ୍ରତିତ୍ୟୁରରେ ହଜରତ ଉମ୍‌ରୋ କହିଲେ, ଯେ ଅଲ୍ଲାଃ ତାଲାଙ୍କ କୃପା ତୁମ ଉପରେ ଅବତୀର୍ଣ୍ଣ ହେଉ, ଏପରି ହୋଇପାରିବ ନାହିଁ । ଅର୍ଥାତ ମୁଁ ଅଟକି ଯିବି ନାହିଁ ବରଂ ମୁଁ ସମସ୍ତ ଘଟଣାର ବୃତାନ୍ତ ବର୍ଣ୍ଣନା କରିବି ଏବଂ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ଅବଶ୍ୟ ଜଣାଇବି । ସୁତରାଂ ହଜରତ ଉମର ର ଅ ସମସ୍ତ ଘଟଣାର ବୃତାନ୍ତ ବର୍ଣ୍ଣନା କରିଥିଲେ । କୁର୍‌ରାଃ ଜକାତ ସମ୍ପର୍କରେ ପୂର୍ବରୁ କହିଥିଲା ଯେ ଏହି ଦାବିକୁ ସମାପ୍ତ କରିଦିଅନ୍ତୁ ଅର୍ଥାତ ଜକାତ୍ ଆଦାୟ କରନ୍ତୁ ନାହିଁ,ଏହି ନିର୍ଦ୍ଦେଶକୁ ସ୍ଥଗିତ କରିଦିଅନ୍ତୁ ଏତଦ୍ଦ୍ୱାରା ଆରବବାସୀ ତୁମମାନଙ୍କ କଥାକୁ ଶୁଣିବେ । ଅର୍ଥାତ ଜକାତ ନନିଆଯାଉ । ପ୍ରତ୍ୟୁତରରେ ହଜରତ ଅମରୋ ର ଅ କହିଲେ ହେ କୁର୍‌ରାଃ ! ମତେ ତୁମ କଥାରୁ ଏହା ଜଣାପଡୁଛି ଯେ ବୋଧ ହୁଏ ତୁମେ କାଫିର୍ (ଅର୍ଥାତ୍ ଅବିଶ୍ୱାସକାରୀ) ହୋଇଯାଇଛ । ପ୍ରତ୍ୟୁତରରେ କୁର୍‌ରାଃ କହିଲା ଯଦି ଆପଣ ଜକାତ୍ ଆଦାୟ କରିବାର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିଦେବେ ତାହେଲେ ଆମେମାନେ ମିଳିତ ଭାବରେ ନିଷ୍ପତି ନେବୁ ଯେ ଜକାତ୍ ଦେବା ବା ଦେବାନାହିଁ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ କ୍ଷମା ପ୍ରଦାନ କରିଦେଲେ । ସେ ଯାହା ହେଉ ନା କାହିଁକି ତା'ର ଏପରି କଥା ଶୁଣିବା ସତ୍ତ୍ୱେ ବି ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାକୁ କ୍ଷମା ପ୍ରଦାନ କଲେ ଓ ତାକୁ ଜୀବିତ ଛାଡ଼ି ଦେଇଥିଲେ ।

ଉଓ୍ୱେନା ବିନ୍ ହିସନ୍ ଏପରି ଅବସ୍ଥାରେ ମଦିନା ଆସିଲା ଯେ ତା'ର ଦୁଇ ହାତକୁ ତା ବେକରେ ଦଉଡ଼ି ସାହାଯ୍ୟରେ ବନ୍ଧା ହୋଇଥିଲା । ମଦିନାର ବାଳକମାନେ ତାକୁ ଖଜୁରୀ ଗଛର ବାହୁଙ୍ଗାରେ ଗେଞ୍ଜିକି କହୁଥିଲେ ହେ ଅଲ୍ଲାଃଙ୍କ ଶତୃ ! କ'ଣ ତୁ ବିଶ୍ୱାସ ଆଣିବା ପରେ ଅବିଶ୍ୱାସକାରୀ ପାଲଟି ଗଲୁ ? ପ୍ରତ୍ୟୁତରରେ ସେ କହିଲା ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଆଜି ପର୍ଯ୍ୟନ୍ତ କେବେ ହେଲେ ଅଲ୍ଲାଃ ତାଲାଙ୍କ ଉପରେ ବିଶ୍ୱାସ ଆଣିନଥିଲି । ସୁତରାଂ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାକୁ କ୍ଷମା ପ୍ରଦାନ କଲେ ଏବଂ ତାର ଜୀବନ ରକ୍ଷା କରିଥିଲେ । **(ତାରିଖେ ତିବରୀ , ଖ-୦୨ , ପୃ-୨୬୩-୨୬୪ , ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

ଜଣେ ଲେଖକ ଉଲ୍ଲେଖ କରିଛନ୍ତି ଯେ ଉୟୈନାକୁ ହଜରତ ମୁହମ୍ମଦ୍ ସ ଆ ସଙ୍କ ଖଲିଫା ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟରେ ଯେତେବେଳେ ଉପସ୍ଥାପନ କରାଗଲା ସେତେବେଳେ ସେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଦ୍ୱାରା ଏଭଳି ଦୟା ଓ କ୍ଷମା ପ୍ରଦର୍ଶନ କରୁଥିବାର ଦେଖିଲା ଯାହା ସେ କଦାପି ଆଶା କରିନଥିଲା । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଉୟୈନାର ହାତ ଖୋଲିବା ପାଇଁ ଆଦେଶ ଦେଲେ । ପୁନଶ୍ଚ ତା'କୁ ତୌବା (ଅର୍ଥାତ କ୍ଷମା ଜାଚନା ଓ ପୁର୍ବବର୍ତୀ ପାପରୁ ପଶ୍ଚାତାପ) କରିବାକୁ କହିଲେ । ଅତଏବ ସେ ଶୁଦ୍ଧ ତୌବାଃ କରି , ନିଜ ଭୂଲ ପାଇଁ ଅନୁତାପ କରି ତଥା କ୍ଷମାଯାଚନା କରି ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲା । ପୁଣି ସେ ଭଲଭାବରେ ଇସଲାଲମ ଉପରେ ପରିଚାଳିତ ହେଲେ । **(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ଡ଼ାକଟର୍ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ , ପୃ-୩୨୬, ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍)**

ନବୁଓ୍ୱତର ମିଥ୍ୟାଦାବୀଦାର ଓ ବିଦ୍ରୋହୀ ତୁଲୈହା ଅସଦି ମଧ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲା । ଯେଭଳି କି ମୁଁ ଆଲୋଚନା କରି ଆସିଲି । ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ ତୁଲୈହା ଅସଦି ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର ମୂଖ୍ୟ କାରଣଟି ଏହା ଥିଲା ଯେ, ଯେତେବେଳେ ତୁଲୈହାକୁ ସୁଚନା ପ୍ରାପ୍ତ ହେଲା ଯେ ଅସଦ୍ ,ଗତ୍‌ଫାନ୍ ଏବଂ ବନୁ ଆମିର କବିଲାର ଲୋକମାନେ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଯାଇଛନ୍ତି ସେତେବେଳେ ସେ ମଧ୍ୟ ମୁସଲମାନ ହୋଇଗଲା । ପୁଣି ସେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଅମୀରତ୍ୱରେ ଅର୍ଥାତ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଖିଲାଫତ୍ ସମୟରେ ଖଲିଫାଙ୍କ ସାଙ୍ଗରେ ଉମ୍‌ରା କରିବାପାଇଁ ମକ୍କା ନିମନ୍ତେ ଯାତ୍ରା ଆରମ୍ଭ କଲା । ଯେତେବେଳେ ସେ ମଦିନା ଉପକଣ୍ଠ ଦେଇ ଯାଉ ଯାଉଥିଲା , ସେତେବେଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ପଚରାଗଲା ଯେ ଇଏ ତ ତୁଲୈହା ! ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ କହିଲେ ଯେ ଏଥିରେ ମୁଁ କ'ଣ କରିବି ? ଆକୁ ଛାଡ଼ିଦିଅନ୍ତୁ । ନିଶ୍ଚିତ ରୂପେ ଅଲ୍ଲାଃତାଲା ତାକୁ ଇସଲାମ୍ ଆଡ଼କୁ ମାର୍ଗଦର୍ଶନ କରାଇଛନ୍ତି । ସୁତରାଂ ତୁଲେହା ମକ୍କା ଗଲା ଏବଂ ସେଠାର ଉମ୍‌ରା ସମ୍ପାଦନ କଲା । ପୁନଶ୍ଚ ହଜରତ୍ ଉମର ର ଅ ଯେତେବେଳେ ଖଲିଫା ହେଲେ, ସେ ତାଙ୍କର ମଧ ବୟତ କରିବାପାଇଁ ଆସିଲା । ସେତେବେଳେ ହଜରତ ଉମର ର ଅ ତାକୁ କହିଲେ ହେ ତୁଲୈହା! ତୁମେ ହେଉଛ ଉକାଶାଃ ଓ ସାବିତ୍‌ଙ୍କର ହତ୍ୟାକାରୀ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ କଦାପି ତୁମକୁ ପସନ୍ଦ କରିପାରିବିନାହିଁ । ତୁଲୈହା କହିଲା ହେ ଅମିରୁଲ୍ ମୁମିନିନ୍ ! ଆପଣ ସେହି ଦୁଇ ବ୍ୟକ୍ତିଙ୍କ ପାଇଁ ଦୁଃଖ ଓ ଶୋକ ପ୍ରକାଶ କରୁଛନ୍ତି, ଯାହାଙ୍କୁ ଅଲ୍ଲାଃ ତାଲା ମୋ ହସ୍ତରେ ସମ୍ମାନ ପ୍ରଦାନ କରିଛନ୍ତି । (ଅର୍ଥାତ ଶହୀଦ ହେବାର ମର୍ଯ୍ୟାଦା ପ୍ରଦାନ କରିଛନ୍ତି ।) ମୋତେ ଅଲ୍ଲାଃତାଲା ସେମାନଙ୍କ ଦ୍ୱାରା ଅପମାନିତ କଲେ ନାହିଁ । ଅର୍ଥାତ ମୁଁ ଅପମାନିତ ହେଲି ନାହିଁ । ସେମାନଙ୍କ ଆକ୍ରମଣରେ ମୁଁ ମରିଲି ନାହିଁ । ଅନ୍ୟଥା ମୁଁ ନର୍କକୁ ଚାଲିଯାଇଥାନ୍ତି । କିନ୍ତୁ ଆଜି ମୁଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଛି ଓ ଅଲ୍ଲାଃ ତାଲାଙ୍କ କୃପାର ପାତ୍ର ହୋଇଛି ଓ ତାହାଙ୍କ ଅନୁକମ୍ପା ପ୍ରାପ୍ତକାରୀ ବିବେଚିତ ହୋଇଅଛି । ହଜରତ ଉମର ର ଅ ତୁଲୈହା ଠାରୁ ବୟତ ଗ୍ରହଣ କଲେ ଏବଂ କହିଲେ ହେ ପ୍ରବଞ୍ଚକ ! ତୁମ କାହାନତର ଅର୍ଥାତ ତୁମେ ଯେଉଁ ପୁରୋହିତ କର୍ଯ୍ୟ କରୁଥିଲ ସେହି କମରୁ ଆଉ କୌଣସି କଥା ବାକି ରହିଯାଇନାହିଁ ତ ? ଅର୍ଥାତ ତୁମେ କାହିନ (ପୁରୋହିତ) ଥିଲ , ସେହି କର୍ଯ୍ୟ ଆଉ କରୁଛ କି ନାହିଁ ? ଏଥିରେ ତୁଲୈହା କହିଲା ହେ ଅମିରୁଲ୍ ମୁମିନିନ୍ ! ମୁଁ ଗୋଟିଏ ଅଧେ ଫୁଙ୍କ ମାରିଦେଉଛି । ଏହା ପରେ ସେ ନିଜ ସମ୍ପ୍ରଦାୟ(କୌମ)ର ରହଣିସ୍ଥଳ ଆଡ଼କୁ ଆସିଲା ଏବଂ ସେହିଠାରେ ହିଁ ଅବସ୍ଥାନ କଲା । **(ତାରିଖେ ତିବରୀ , ଖ-୦୨ , ପୃ-୨୬୦ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ଇରାକ୍ ଯୁଦ୍ଧରେ ତୁଲୈହା ଇରାନୀୟମାନଙ୍କ ବିପକ୍ଷରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ମୁସଲମାନ ହେବାପରେ ସେ ଇରାକ୍‌ରେ ଅନୁଷ୍ଠିତ ହୋଇଥିବା ଯୁଦ୍ଧ ଗୁଡ଼ିକରେ ସେ ଅତ୍ୟନ୍ତ ବୀରତ୍ୱର ସହିତ ଲଢ଼ିଥିଲା ଏବଂ ୨୧ ହିଜ୍‌ରୀରେ ନିହାଓ୍ୱନ୍ଦ ଯୁଦ୍ଧରେ ସେ ଶହୀଦ୍ ହୋଇଥିଲେ ,ବୀରଗତି ପ୍ରାପ୍ତ କରିଥିଲେ ।**(ହଜରତ୍ ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍, ପୃ-୧୪୪ , ବୁକ୍ କର୍ଣ୍ଣର୍ ଶୋ ରୁମ୍ ବୁକ୍‌ଷ୍ଟ୍ରୀଟ୍ ଝେଲମ୍ ପାକିସ୍ତାନ୍ )(ଅଲଅସାବାଃ ଫି ତମିଜିସ୍ ସାହାବାଃ ଭାଗ-୦୩, ପୃ-୪୪୧ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୫)**

ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ ଜଫର୍ ଅଂଚଳ ଅଭିମୂଖେ ଅଗ୍ରସର ହେବା ଓ ଉମ୍ମେ ଜିମଲ୍ ସଲ୍‌ମା ବିନ୍‌ତେ ଉମ୍ମେ କିର୍‌ଫା ଆଡ଼କୁ ଅଗ୍ରସର ହୋଇଥିଲେ । ଉମ୍ମେ ଜିମଲ୍‌ର ନାମ ସଲ୍‌ମା ବିନ୍‌ତେ ମାଲିକ ବିନ୍ ହୁଜୈଫା ଥିଲା , ଯିଏ ନିଜର ମାତା ଉମ୍ମେ କିର୍‌ଫା ବିନ୍‌ତେ ରବିୟାଙ୍କ ସହିତ ସାମଞ୍ଜସ୍ୟ ରଖୁଥିଲା । ସେ ମାନସମ୍ମାନ ତଥଅ ମାନ ମର୍ଯ୍ୟାଦାରେ ନିଜ ମାଆ ସହିତ ସାମଞ୍ଜସ୍ୟ ରଖୁଥିଲା । ତା' ନିକଟରେ ଉମ୍ମେ କିର୍‌ଫାର ଓଟ ମଧ ଥିଲା ।**(ତାରିଖେ ତିବରୀ , ଖ-୦୨ , ପୃ-୨୬୫ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

ଉମ୍ମେ କିର୍‌ଫାର ପରିଚୟ ହେଉଛି ଏପରି କି ଉମ୍ମେ କିର୍‌ଫାର ନାମ ଫାତିମା ବିନ୍‌ତେ ରବିୟା ଥିଲା ଓ ସେ ବନୁ ଫଜାରାଃର ସର୍ଦାର୍ ଅର୍ଥାତ ଦଳପତି ଥିଲା । ସେହି ନାରୀ ଜଣକ ନିଜର ଶକ୍ତି ଓ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ବେଶ୍ ଜଣାଶୁଣା ଥିଲା ଅର୍ଥାତ୍ ବଡ଼ ପ୍ରଶିଦ୍ଧ ଥିଲା । ତା ଘରେ ସର୍ବଦା ପଚାଶଗୋଟି ତରବାରୀ ଓହଳି ପ୍ରସ୍ତୁତ ହୋଇ ରହୁଥିଲା ଏବଂ ପଚାଶ ଜଣ ତରବାରୀ ଚାଳକ ପୁରୁଷ ସର୍ବଦା ସେଠାରେ ଉପସ୍ଥିତ ରହୁଥିଲେ । ସେହି ସମସ୍ତ ପୁରୁଷମାନେ ତା ପୁତ୍ର ଓ ପୌତ୍ର ଥିଲେ । ତା ଗୋଟିଏ ପୁତ୍ରର ନାମ କିର୍‌ଫା ଥିଲା, ସେଥି ସକାଶେ ତାର କୁନିୟତ୍ ଉମ୍ମେ କିର୍ଫା ରଖାଯାଇଥିଲା । ଯେବେ କି ତାର ଅସଲ ନାମ ଫାତିମା ବିନତେ ରବିୟାଃ ଥିଲା । ତା'ର ଘର ଓ୍ୱାଦିଉଲ୍ କୁର୍‌ରା ଗୋଟିଏ ପାର୍ଶ୍ୱରେ ଅବସ୍ଥିତ ଥିଲା । ଯାହାର ଦୂରତା ମଦିନାଠାରୁ ସାତ ରାତ୍ରୀ ମୁସାଫତ୍ ଅର୍ଥାତ ସାତ ରାତି ବାହାନ ଉପରେ ଯାତ୍ରା କଲେ ଯେତେ ସମୟ ଲାଗିଥାଏ ସେତିକି ବ୍ୟବଧାନରେ ତାହା ଅବସ୍ଥିତ ଥିଲା । **(ପୈଗମ୍ବର ଇସଲାମ୍ ଅଓର୍ ଗଜଓ୍ୱାତ୍ ଓ୍ୱ ସରାୟା ଅଜ୍ ହକିମ୍ ମହମୁଦ୍ ଅହମଦ୍ ଜଫର୍ , ପୃ-୪୪୭ ମୁଦ୍ରଣ ଶଫିକ୍ ପ୍ରେସ୍)**

ଉମ୍ମେ କିର୍‌ଫା ପକ୍ଷରୁ ଏକ ସରିୟା(ଯୁଦ୍ଧ) ଛଅ ହିଜ୍‌ରୀରେ ଅନୁଷ୍ଠିତ ହୋଇଥିଲା । (ସରିୟା ହେଉଛି ଏପରି ଯୁଦ୍ଧ ଯେଉଁ ଯୁଦ୍ଧରେ କି ହଜୁର ଆ ସ ସ୍ୱୟମ ଅଂଶଗ୍ରହଣ କରିନଥିଲେ) ଉମ୍ମେ କିଫ୍‌ରାଃର ଶୀରଛେଦ କରରବାର କାରଣ ଏହା ଥିଲା ଯେ, ସେ ମଦିନାରେ ଆକ୍ରମଣ କରିବା ପାଇଁ ତଥା ନବୀ କରିମ୍ ସ ଆ ସଙ୍କୁ ହତ୍ୟା କରିବାପାଇଁ ଷଡ଼ଯନ୍ତ୍ର ରଚି ଥିଲା । ତତ୍‌ସଂକ୍ରାନ୍ତରେ ଜଣେ ଲେଖକ ଉଲ୍ଲେଖ

କରିଛନ୍ତି ଯେ ଏକଦା ସେ ନିଜର ତିରିଶ ଜଣ ପୁତ୍ର ଓ ପୌତ୍ରମାନଙ୍କର ଗୋଟିଏ ସୈନ୍ୟ ଟୁକୁଡ଼ି ପ୍ରସ୍ତୁତ କଲା ଏବଂ କହିଲା ମଦିନା ଉପରେ ଆକ୍ରମଣ କର ଓ ହଜୁର ଆ ସଙ୍କୁ ହତ୍ୟା କରିଦିଅ । ତେଣୁ ମୁସଲମାନମାନେ ଉକ୍ତ ଉପଦ୍ରବୀ ମହିଳାକୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିଥିଲେ ।**(ଜିଆଉନ୍ ନବୀ ସ ଆ ସ ଅଜ୍ ପୀର୍ ମୁହମ୍ମଦ୍ ଅକରମ୍ ଶାହ୍ ଅଲଅଜହରୀ , ଖ-୦୪ , ପୃ-୧୨୧ , ମୁଦ୍ରଣ ତଖଲିକେ ମରକଜ୍ ପ୍ରିଂଟର୍ ଲାହୋର୍ ୧୪୨୦ ହିଜ୍ରୀ)**

ସେହିପରି ଉକ୍ତ ମହିଳାର ଶିରଚ୍ଛେଦର ଦ୍ୱିତୀୟ କାରଣ ଏହା ଥିଲା ଯେ, ହଜରତ ଜୈଦ୍ ବିନ୍ ହାରିସ୍ ବାଣିଜ୍ୟ ଉଦ୍ଦେଶ୍ୟରେ ସିରିୟା ଅଭିମୁଖେ ବାହାରିଥିଲେ । ତାଙ୍କ ନିକଟରେ ଅନ୍ୟାନ୍ୟ ସାହାବାମାନଙ୍କ ର ବାଣିଜ୍ୟ ବସ୍ତୁମାନ ରହିଥିଲା । ସେ ଯେତେବେଳେ ୱାଦିଉଲ୍ କୁରା ନିକଟରେ ପହଂଚିଲେ ,ଫଜାରାଃ କବିଲାର ଶାଖା ବନୁ ବଦରର ଅନେକ ଲୋକ ବାହାରି ଆସିଲେ ଏବଂ ସେମାନେ ହଜରତ୍ ଜୈଦ୍ ଓ ତାଙ୍କ ସାଥିମାନଙ୍କୁ ନିସ୍ତୁକ ମାଡ଼ ମାରିଲେ ଏବଂ ସେମାନଙ୍କର ସମସ୍ତ ଜିନିଷପତ୍ର ବି ଛଡ଼ାଇ ନେଇଗଲେ । ଅତଏବ ଜୈଦ୍ ବିନ୍ ହାରିସ୍ ଓ ତାହାଙ୍କ ସାଥିମାନେ ହଜୁର ଆ ସଙ୍କ ଦରବାରରେ ଉକ୍ତ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ । ହଜୁର ଆ ସ ସେମାନଙ୍କ ସହିତ ଏକ ସୈନ୍ୟଦଳ ପ୍ରେରଣ କଲେ ,ଯଦ୍ୱାରା ସେମାନେ ସେହି ଡ଼କାୟତ ମାନଙ୍କଠାରୁ ସେମାନଙ୍କୁ ସୁରକ୍ଷା କରିପାରିବେ ।**(ଜିଆଉନ୍ ନବୀ ସ ଆ ସ ଅଜ୍ ପୀର୍ ମୁହମ୍ମଦ୍ ଅକରମ୍ ଶାହ୍ ଅଲଅଜହରୀ , ଖ-୦୪ , ପୃ-୧୨୦, ମୁଦ୍ରଣ ଜିଆଉଲ୍ କୁରଆନ୍ ପବ୍ଲିକେଶନ୍ ଲାହୋର୍ ୧୪୨୦ ହିଜ୍ରୀ)**

ଉମ୍ମେ କିର୍‌ଫାର ପୁତ୍ରି ଉମ୍ମେ ଜିମଲ୍ ସଲ୍‌ମାର ଘଟଣା ଏହିପରି ଥିଲା ଯେ, ଗତ୍‌ଫାନ୍ ,ତୈ, ସୁଲୈମ୍ ଏବଂ ହୱାଜିନ୍ ସମ୍ପ୍ରଦାୟର କେତେକ ଲୋକେ, ଯେଉଁମାନେ ବୁଜାଖାରେ ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ହସ୍ତରେ ପରାଜୟ ସ୍ୱୀକାର କରିଥିେ,ସେମାନେ ସେଠାରୁ ପଳାୟନ କରି ଉମ୍ମେ ଜିମଲ୍ ସଲମା ବିନ୍‌ତେ ମାଲିକ୍ ନିକଟରେ ପହଂଚିଲେ ଏବଂ ତାକୁ ଏ ପ୍ରତିଶୃତି ଦେଲେ ଯେ, ସେମାନେ ତା' ସହିତ ମିଶି ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ନିଜର ଜୀବନ ପଛକେ ଦେଇଦେବେ କିନ୍ତୁ ପଛଘୁଂଚା ଦେବେନାହିଁ । **(ସିରତ୍ ସୟଦନା ସିଦ୍ଦିକ୍ ଅକବର୍ ର ଅ ମନସୁବ୍ ବାଃ ଉସତାଜ୍ ଉମର୍ ଅବୁନ୍ ନସର୍ , ପୃ-୬୧୦ , ମୁଶ୍‌ତାକ୍ ବୁକ୍ କର୍ଣ୍ଣର୍ ଉର୍ଦ୍ଦୁ ବାଜାର୍ ଲାହୋର୍)**

ଗତ୍‌ଫାନ୍ ର ପରାଜିତ ସୈନିକମାନେ ଜଫର୍ ନାମକ ସ୍ଥାନରେ ଏକତ୍ରିତ ହୋଇଗଲେ । ଜଫ୍‌ର ହେଉଛି ବସ୍‌ରା ଓ ମଦିନା ମାର୍ଗରେ ପଡୁଥିବା ଗୋଟିଏ ସ୍ଥାନର ନାମ । ଏହା ହୱାବ ନିକଟସ୍ଥ ଗୋଟିଏ ସ୍ଥାନ । ହୱାବ୍ ମଧ୍ୟ ମଦିନା ଓ ବସ୍‌ରାର ମାର୍ଗରେ ପଡୁଥିବା ଏକ ସ୍ଥାନ,ଯେଉଁଠାରେ ଏକ କୂପ ମଧ ରହିଥିଲା । ସୁତରାଂ ସେଠାରେ ଉମ୍ମେ ଜିମଲ୍ ସଲ୍‌ମା ସେହି ଲୋକମାନଙ୍କୁ ସେମାନଙ୍କର ପରାଜୟ ଯୋଗୁଁ ,ସେମାନଙ୍କ ଆତ୍ମ ସ୍ୱାଭିମାନକୁ ଉସୁକାଇଲା ଏବଂ ମୁସଲମାନମାନଙ୍କ ବିରୋଧରେ ଉସୁକାଇ ଆଦେଶ ଦେଲା ଯେ ପୁନଶ୍ଚ ନିଜର ଶକ୍ତି ଏକତ୍ରିତ କରି ହଜରତ ଖାଲିଦ ର ଅଙ୍କ ସହିତ ଯୁଦ୍ଧ କର । ପୁଣି ସେ ନିଜେ ବିଭିନ୍ନ କବିଲା ଗୁଡ଼ିକୁ ଯାଇ ସେମାନଙ୍କୁ ହଜରତ ଖାଲିଦ ର ଅଙ୍କ ସହିତ ଯୁଦ୍ଧ କରିବା ପାଇଁ ଉଭାରିଲା । ଏପରିକି ସେମାନେ ସମସ୍ତେ ଉମ୍ମେ ଜିମଲ୍ ନିକଟରେ ଏକତ୍ରିତ ହୋଇଗଲେ ଏବଂ ଯୁଦ୍ଧ ପାଇଁ ସାହାସ ଜୁଟାଇ ଅଂଟା ଭିଡ଼ିଲେ ।

ସେହି ଉମ୍ମେ ଜିମଲ୍ ସେମାନଙ୍କୁ ମୁସଲମାନମାନଙ୍କ ବିରୋଧରେ ଯୁଦ୍ଧ କରିବାପାଇଁ ଉସକାଇବା ଦ୍ୱାରା ପ୍ରତ୍ୟେକ ପାର୍ଶ୍ୱରୁ ଅଲଗା ଅଲଗା ଛିନ୍ନ ଛତ୍ର ହୋଇରହିଥିବା ଲୋକମାନେ ତା ନିକଟକୁ ଚାଲି ଆସିଲେ । ଏହା ପୂର୍ବରୁ ଉମ୍ମେ ଜିମଲ୍ ସଲ୍‌ମା ଉମ୍ମେ କିର୍‌ଫାର ଜୀବଦଶାରେ ହିଁ ବନ୍ଦି ହୋଇ ହଜରତ ଆଇଶା ର ଅଙ୍କୁ ପ୍ରାପ୍ତ ହୋଇଥିଲା । କିନ୍ତ ହଜରତ ଆଇଶା ର ଅ ତାକୁ ମୁକ୍ତ (ଅର୍ଥାତ୍ ସ୍ୱାଧିନ)କରିଦେଇଥିଲେ । ସେହି ଉମ୍ମେ ଜିମଲ୍ କିଛି ସମୟ ହଜରତ ଆଇଶା ର ଅଙ୍କ ନିକଟରେ ରହିବା ପରେ ପୁନଶ୍ଚ ନିଜ ଜାତିକୁ ଅର୍ଥାତ୍ ନିଜ ସମ୍ପ୍ରଦାୟ ଆଡ଼କୁ ଫେରି ଚାଲିଯାଇଥିଲା ଓ ସେଠାରେ ଯାଇ ମୁରତଦ୍ ଅର୍ଥାତ୍ ଇସଲାମକୁ ପରତ୍ୟାଗ କରିଥିଲା ଓବିଧର୍ମୀ ପାଲଟି ଯାଇଥିଲା ।

ଖାଲିଦ୍ ର ଅଙ୍କୁ ଯେତେବେଳେ ଏହାର ସୂଚନା ମିଳିଲା ଅର୍ଥାତ୍ ଉମ୍ମେ ଜିମଲ୍‌ର ମୁରତଦ୍ ହୋଇଯାଇଥିବା ବିଷୟରେ ସୂଚନା ପ୍ରାପ୍ତ ହେଲା , ସେ ସେତେବେଳେ ଅପରାଧିମାନଙ୍କୁ ଗିରଫ କରିବା, ଜକାତ୍ ହାସଲ କରିବା, ଇସ୍‌ଲାମ୍ ଆଡ଼କୁ ଡ଼ାକିବାପାଇଁ ଲୋକମାନଙ୍କୁ ଆମନ୍ତ୍ରିତ କରିବା ତଥା ଲୋକମାନଙ୍କୁ ସନ୍ତୋଷ ଓ ଶାନ୍ତି ପ୍ରଦାନ କରିବାରେ ବ୍ୟସ୍ତ ଥିଲେ । ଉମ୍ମେ ଜିମଲ୍ ସଲ୍‌ମାର ମୁକାବିଲା କରିବାପାଇଁ ହଜରତ ଖାଲିଦ ର ଅ ଅଗ୍ରସର ହେଲେ । ଉମ୍ମେ ଜିମଲ୍‌ର ପ୍ରଶିଦ୍ଧି ବହୁତ ବୃଦ୍ଧି ପାଇଯାଇଥିଲା । ତା'ର ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରୂପ ଧାରଣ କରିନେଇଥିଲା । ଅତଏବ ହଜରତ ଖାଲିଦ ର ଅ ଉମ୍ମେ ଜିମଲ୍ ଓ ତା ସାଥିରେ ଯୋଗଦେଇଥିବା ଲୋକମାନଙ୍କ ସହିତ ମୁକାବିଲା(ଯୁଦ୍ଧ) କରିବାପାଇଁ ଅଗ୍ରସର ହେଲେ । ଫଳତଃ ଉଭୟଙ୍କ ମଧ୍ୟରେ ଘମାସାନ ଯୁଦ୍ଧ ହେଲା । ଉମ୍ମେ ଜିମଲ୍ ଓଟ ଉପରେ ଆରୋହଣ କରି ବଡ଼ ଜୋଶରେ ଭାଷଣ ଦେଇ ଅନବରତ ନିଜ ସୈନ୍ୟମାନଙ୍କୁ ଉତ୍ସାହିତ କରିଚାଲିଥିଲେ । ମୁରତଦ୍ଦୀନ୍ ମାନେ ବି ବହୁତ ସହାସର ସହିତ ଲଢୁଥିଲେ । ଉମ୍ମେ ଜିମଲର ଓଟ ଆଖପାଖରେ ଅତିରିକ୍ତ ଶତାଧିକ ଓଟ ଥିଲେ । ସେହି ଓଟମାନଙ୍କ ଉପରେ ବଡ଼ ବଡ଼ ସାହାସୀ ଯୋଦ୍ଧାମାନେ ଆରୋହଣ କରିଥିଲେ ଏବଂ ସେମାନେ ଅତ୍ୟନ୍ତ ସାହସିକତାର ସହିତ ଉମ୍ମେ ଜିମଲ୍‌କୁ ସୁରକ୍ଷା ଦେଇଚାଲିଥିଲେ । ମୁସଲମାନ ଅଶ୍ୱାରୋହୀମାନେ ଉମ୍ମେ ଜିମଲ୍ ନିକଟରେ ପହଂଚିବା ପାଇଁ ଅକ୍ଲାନ୍ତ ଉଦ୍ୟମ କଲେ କିନ୍ତୁ ତା'ର ସୁରକ୍ଷାକର୍ମୀମାନେ ପ୍ରତ୍ୟେକ ଦିଗରୁ ତାହାକୁ ଘେରି ରହିଥିଲେ । ତେଣୁ ସେମାନେ ମୁସଲମାନ ସୀପାହି ମାନଙ୍କୁ ପ୍ରତି ଥର ପଛକୁ ଠେଲି ଦେଉଥିଲେ । ସୁତରାଂ ମୁସଲମାନ ସୈନିକମାନେ ଉମ୍ମେ ଜିମଲ୍‌ର ସମସ୍ତ ଶତାଧିକ ସାହାସି ଯୋଦ୍ଧାମାନଙ୍କୁ ନୀହତ କରିବା ପରେ ପରିଶେଷରେ ମୁସଲମାନମାନେ ଉମ୍ମେ ଜିମଲ୍ ନିକଟରେ ପହଂଚିଗଲେ । ସେତେବେଳେ ଉମ୍ମେ ଜିମଲ୍ ଓଟ ଉପରେ ବସିଥିଲା । ତେଣୁ ମୁସଲମାନମାନେ ସେଠାରେ ପହଂଚି ଓଟର ଗୋଡ଼ କାଟି ଦେଲେ ଏବଂ ଉମ୍ମେ ଜିମଲ୍‌କୁ ମଧ ହତ୍ୟା କରିଦେଲେ । ତାହାକୁ ବଦ୍ଧ କରିଦେଲେ । ଉମ୍ମେ ଜିମଲ୍‌ର ସାଥିମାନେ ଯେତେବେଳେ ଉମ୍ମେ ଜିମଲ୍‌କୁ ନୀହତ ହେବାର ଦେଖିଲେ ସେମାନେ ପାଗଳ ପ୍ରାୟ ହୋଇଗଲେ ଏବଂ ତାଙ୍କର ବୁଦ୍ଧିସୁଦ୍ଧି ହଜିଗଲା । ଅତଏବ ସେମାନେ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବାକୁ ଲାଗିଲେ । ଏହିପରି ଉକ୍ତ ଉପଦ୍ରବର ଅଗ୍ନୀ ପ୍ରଶମିତ ହୋଇଥିଲା ଏବଂ ଆରବ ଭୂମିର ଉତର ପୂର୍ବ ଭାଗରେ ଇରତାଦ୍ (ଅର୍ଥାତ ଇସଲାମ ଧର୍ମ ପରିତ୍ୟାଗ କରିବା) ର ତଥା ବିଦ୍ରୋହର ଅନ୍ତ ଘଟିଥିଲା ।**(ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ଉର୍ଦ୍ଦୁ ଅନୁବାଦ, ପୃ-୧୫୬-୧୫୭, ମୁଦ୍ରଣ ବୁକ୍ କର୍ଣ୍ଣର ଝେଲମ୍)**

ହଜରତ ଖାଲିଦ ର ଅ ଉକ୍ତ ବିଜୟର ଶୁଭ ସୁଚନା ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ ପ୍ରେରଣ କରିଥିଲେ ।**(ତାରିଖେ ତିବରୀ , ଖ-୦୨ , ପୃ-୨୬୫ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ଲେବନାନ୍ ୨୦୧୨)**

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଜୀବନୀ ଚର୍ଚ୍ଚା ବର୍ତମାନ ଅଭ୍ୟାହତ ରହିଛି । ମୁଁ ଏଠାରେ ଏତିକି ହିଁ ବର୍ଣ୍ଣନା କରି ରହୁଛି । ବର୍ତମାନ ମୁଁ ଦୁଇଜଣ ମୃତକଙ୍କର ଚର୍ଚ୍ଚା କରିଦେଉଛି ଏବଂ ନମାଜ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ମଧ୍ୟ ପଢ଼ାଇବି ।

ପ୍ରଥମ ଯନାଜାଃ ହେଲା ସ୍ୱର୍ଗତା ସାବିରା ବେଗମ୍ ସାହିବାଙ୍କର । ସେ ସିଆଲ୍‌କୋଟର ରଫିକ୍ ଅହେମଦ୍ ବଟ ସାହେବଙ୍କର ପତ୍ନୀ ଥିଲେ, ବିଗତ ଦିନ ସାବେରା ସାହେବାଙ୍କର ଦେହାନ୍ତ ହୋଇଯାଇଅଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହେ ରାଜେଉନ୍** । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତା ୱସିୟତ କରିଥିଲେ । ତାଙ୍କ ସମ୍ପର୍କରେ ତାଙ୍କର ସୁପୁତ୍ର ଉଲ୍ଲେଖ କରିଛନ୍ତି ଯେ ମୋ ମାତା ନମାଜର ନିୟମିତ ପାଠକାରୀ, ନିୟମିତ ତହଜ୍ଜୁଦ୍ ପାଠକାରୀ, ଅତିଥି ସତ୍କାରକ, ଅଭାବି ଲୋକମାନଙ୍କର ସାହାଯ୍ୟକାରୀ ଓ ଜଣେ ପୂଣ୍ୟବତୀ ମହିଳା ଥିଲେ । ଖିଲାଫତ୍ ସହିତ ତାଙ୍କର ଅଗାଢ଼ ପ୍ରେମ ଓ ଘନିଷ୍ଠ ସମ୍ପର୍କ ରହିଥିଲା । ସେ ନିୟମିତ ରୂପେ ଖୁତ୍‌ବା ଶୁଣୁଥିଲେ । ସେ ୱାକିଫିନେ ଜିନ୍ଦେଗୀ ମାନଙ୍କର ବହୁତ ସମ୍ମାନ କରୁଥିଲେ । ତାଙ୍କର ସୁପୁତ୍ର ନସିମ୍ ବଟ୍ ସାହେବ ନାଇଜେରିଆର କାଡୁନା ଇଲାକାରେ ଜଣେ ମୁବଲ୍ଲିଗ ଭାବରେ ସେବାକାର୍ଯ ସମ୍ପାଦନ କରୁଛନ୍ତି । ଜମାତ୍‌ର ସେବା ସମ୍ପାଦନ କରୁଛନ୍ତି । କର୍ମ ଭୂମିରେ ଥିବା ଯୋଗୁଁ ସେ ନିଜ ମାତାଙ୍କ ଜନାଯାଃ ଅର୍ଥାତ ଅନ୍ତେଷ୍ଟିକ୍ରୀୟାରେ ସାମିଲ ହୋଇପାରିନଥିଲେ । ତାଙ୍କର ସମଗ୍ର ପରିବା, ତାଙ୍କର ସ୍ୱାମୀ,ତାଙ୍କର ସୁପୁତ୍ରମାନେ ଏବଂ ପୌତ୍ର ସମସ୍ତେ ଜମାତ୍‌ର ସେବାରେ ଲାଗିରହିଛନ୍ତି ।

ଦ୍ୱିତୀୟ ଯନାଜାଃ ହେଉଛି ସୁରେୟା ରଶିଦ୍ ସାହେବାଙ୍କର । ସ୍ୱର୍ଗତା ରଶିଦ୍ ଅହେମଦ୍ ବାଜୁୱା ସାହେବଙ୍କର ପତ୍ନୀ ଥିଲେ । ଅପ୍ରେଲ ମାସ ୨୦ ତାରିଖ ଦିନ କାନାଡ଼ାରେ ତାଙ୍କର ପରଲୋକ ହୋଇଛି । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହେ ରାଜେଉନ୍** । ସ୍ୱର୍ଗତା ବି ଜଣେ ପୂଣ୍ୟବାନ, ଧର୍ମପରାୟଣ, ଦୁଆକାରୀ, ଅଭାବି ଲୋକମାନଙ୍କର ପୋଷଣକାରିଣୀ, ଅତିଥିସତ୍କାରିଣୀ ତଥା ଜଣେ ମେଳାପି ଓ ସ୍ନେହି ମହିଳା ଥିଲେ । ସ୍ୱର୍ଗତା ଦୀର୍ଘ ବର୍ଷ ଧରି ନିଜ ହଲକାର ଅର୍ଥାତ୍ ନିଜ ସାହିର ସଦର ଲଜ୍‌ନା ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ପିଲମାନଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇବା ପାଇଁ ତାଙ୍କୁ ବହୁତ ସୌଭାଗ୍ୟ ମିଳିଛି । ପୁଣି ସେ ରବୁୱା ଚାଲି ଆସିଲେ । ସେଠାରେ , ଅର୍ଥାତ୍ ରବୱାଠାରେ ନିଜ ସନ୍ତାନସନ୍ତତିଙ୍କର ଶିକ୍ଷା ଓ ପ୍ରଶିକ୍ଷଣ ନିମନ୍ତେ ନିଜର ସବୁକିଛି ବିକ୍ରି କରି ରବୁୱାରେ ନିଜର ଏକ ଘର ନିର୍ମାଣ କରିଥିଲେ । ସେ ମଧ୍ୟ ୱସିୟତ କରିଥିଲେ । ତାଙ୍କର ଜଣେ ସୁପୁତ୍ର ସଫିର୍ ବାଜୁୱା ସାହେବ୍ ରବୱାରେ ମୁବଲିଗ୍ ସିଲ୍‌ସିଲା ଭାବରେ ସେବା କାର୍ଯ୍ୟ ସମ୍ପାଦନ କରୁଛନ୍ତି । ତାଙ୍କର ଜଣେ ସୁପୁତ୍ରୀ ମଧ୍ୟ ମୁବଲିଗ୍ ସିଲ୍‌ସିଲାଙ୍କର ପତ୍ନୀ ଅଟନ୍ତି ।

ଅଲ୍ଲାଃ ତାଲା ଏହି ଦୁଇଜଣ ମହିଳାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧଗାମୀ କରନ୍ତୁ । ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବା ପାଇଁ ତାଙ୍କ ସନ୍ତାନ ସନ୍ତତିଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

## ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

# : ଖୁତ୍‌ବା ଜୁମା :

ଯେଉଁ ତରବାରୀକୁ ଅଲ୍ଲାଃତାଲା କୁଫାର୍ ମାନଙ୍କ ନିମନ୍ତେ ନିୟାମରୁ ବାହାର କରିଛନ୍ତି ମୁଁ ସେହି ତରବାରୀକୁ ପୁଣି ନିୟାମରେ ରଖିବି ନାହିଁ ।
(ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ) ,

## ହଜରତ୍ ମୁହମ୍ମଦ୍ ସ ଆ ସ ଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଉତ୍କର୍ଷତା ତଥା ମହାନତା

ସଜାହ୍ ବିନତ ହାରିସ୍ ଏବଂ ମାଲିକ୍ ବିନ୍ ନୁଐରାଃ ଙ୍କ ଖିଲାଫ କରାଯାଇଥିବା ଅଭିଯାନର ଏକ ବିସ୍ତୃତ ବିବରଣୀ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୧୩ ମଇ ୨୦୨୨ ଅନୁଯାୟୀ ୧୩ ହିଜରତ୍ ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଖିଲାଫତ କାଳରେ ଯେଉଁ ବିଶୃଙ୍ଖଳା ଓ ବିଦ୍ରୋହର ସୂତ୍ରପାତ ହୋଇଥିଲା ସେ ବିଷୟରେ ଚର୍ଚ୍ଚା ଚାଲିଥିଲା । ତାହାର ପ୍ରତିରୋଧ କରିବାକୁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ କିଛି ସୈନ୍ୟଦଳ ପ୍ରେରଣ କରିଥିଲେ ସେହି ଆଲୋଚନା କ୍ରମରେ ହଜରତ ଖାଲିଦ୍ ବିନ୍ ୱଲିଦ ର ଅଙ୍କ ବୁତାହ୍ ଅଂଚଳ ଆଡ଼କୁ  ମାଲିକ ବିନ୍ ନୁୱେରାଃ ନିକଟକୁ ଅଗ୍ରସର ହେବା ପ୍ରସଙ୍ଗରେ ବିବରଣୀ ଏମିତି ବର୍ଣ୍ଣିତ ହୋଇଅଛି । ବୁତାହ୍ ବନୁ ଅସଦ୍ ଇଲାକାର ଏକ ନିର୍ଝରର ନାମ ଥିଲା ।  ମାଲିକ ବିନ୍ ନୁୱେରାଃର ସମ୍ବନ୍ଧ ବନୁ ତମିମ୍ ର ଗୋଟିଏ ଶାଖା ବନୁ ୟରବୁଉ ସହିତ ଥିଲା । ମାଲିକ୍ ନିଜ କବିଲାର ସର୍‌ଦାର୍‌ମାନଙ୍କ ମଧ୍ୟରୁ ଜଣେ ସର୍‌ଦାର ଥିଲା । ଆରବର ପ୍ରଶିଦ୍ଧ ବୀର ଓ ଅଶ୍ୱାରୋହୀମାନଙ୍କ ମଧ୍ୟରେ ତାହାର ଗଣନା କରାଯାଉଥିଲା ।  ସେ ୯ ହିଜ୍‌ରୀରେ ନିଜ ସମ୍ପ୍ରଦାୟର ଲୋକମାନଙ୍କ ସହିତ ମଦିନା ଆସି ଇସ୍‌ଲାମ ର୍ଧମରେ ଦୀକ୍ଷିତ ହୋଇଥିଲା । ଆଁହଜରତ ସ ଆ ସ  ତାକୁ ତା ନିଜ କବିଲା (ଦଳ)ର ଆମିଲ୍ (ଜକାତ୍ ଆଦାୟକାରୀ) ରୂପେ ମୁତୟନ କରିଥିଲେ । କିନ୍ତୁ ହଜୁର ସ ଆ ସଙ୍କ ସ୍ୱର୍ଗବାସ ପରେ ଯେତେବେଳେ ଆରବରେ ବିଦ୍ରୋହ ଓ ସ୍ୱଧର୍ମରୁ ଓହରି ଯିବାର ଲହରୀ ପ୍ରବାହିତ ହେଲା ସେତେବେଳେ  ମାଲିକ ବିନ୍ ନୁୱେରାଃ ମଧ୍ୟ ଇସ୍‌ଲାମ୍ ଧର୍ମରୁ ଓହରି ଗଲା । ଯେତେବେଳେ ତାହାକୁ ହଜୁର ସ ଆ ସଙ୍କ ଦେହାନ୍ତର ଖବର ମିଳିଲା ସେତେବେଳେ ସେ ଆନନ୍ଦ ଉତ୍ସବରେ ମାତିଗଲା । ତାହାର ଘରର ମହିଳାମାନେ ମେହେନ୍ଦୀ ଲଗାଇଲେ, ଢ଼ୋଲ ବାଇଦ ବଜାଇଲେ ଏବଂ ବେଶ୍ ଆନନ୍ଦ ଉପଭୋଗ କଲେ । କିନ୍ତୁ ନିଜ କବିଲାରେ ଉପସ୍ଥିତ ମୁସଲମାନମାନଙ୍କୁ, ଯେଉଁମାନେ ଜକାତ୍‌ର ଅର୍ଥରାଶିକୁ ମୁସଲମାନମାନଙ୍କ କେନ୍ଦ୍ରସ୍ଥଳୀ ମଦିନା ପ୍ରେରଣ କରିବାର ସମର୍ଥନକାରୀ ଥିଲେ, ସେମାନଙ୍କୁ ସେ କେବଳ ହତ୍ୟା କଲା । ଅତଃ ଏକଥା ବି ମନେରଖିବା ଉଚିତ ଯେ ଏପରି ପ୍ରତ୍ୟେକ ବ୍ୟକ୍ତି ଯାହାକୁ ଦଣ୍ଡ ଦିଆ ଯାଇଥିଲା ବା ଯାହା ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଇଥିଲା , ସେ ମୁସଲମାନମାନଙ୍କୁ କ୍ଷତି ପଂହଚାଇବା ପାଇଁ ଚେଷ୍ଟା କରିଥିଲା । କେବଳ ମୁରତଦ୍ ହୋଇନଥିଲା ।

ସେ ଯାହା ହେଉ ନା କାହିଁକି ଏ ପ୍ରସଙ୍ଗରେ ଆହୁରି ମଧ୍ୟ ଏହା ଉଲ୍ଲେଖ ରହିଛି ଯେ ସେ ଗୋଟିଏ ପଟେ ତ ଜକାତ ଦେବାକୁ ମନା କରିଦେଲା ଏବଂ ଅପରପକ୍ଷେ  ଅବତାରତ୍ୱର ମିଥ୍ୟା ଦାବିଦାର ସଜାହ୍ ବିନତ ହାରିସ୍ ସହିତ ସମ୍ମିଳିତ ହୋଇ ତାହା ସହିତ ଗଠବନ୍ଧନ କରିନେଲା, ଯେ କି ଗୋଟିଏ ବିରାଟ ସେନା ବାହିନୀକୁ ସାଥିରେ ନେଇ ମଦିନା ଉପରେ ଆକ୍ରମଣ କରିବାକୁ ବାହାରିଥିଲା ।**(ଅଲଅସାବାଃ ଫି ତମିଜିସ୍ ସାହାବାଃ , ଖ-୦୫, ପୃ-୫୬୦ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)(ସିରତ୍ ସୟଦନା ସିଦ୍ଧିକ୍ ଅବୁବକର୍ ର ଅ ଅଜ୍ ଅବୁନ୍ ନସର୍ ମୁତରଜିମ୍ , ପୃ-୫୯୮, ୭୧୩ , ମୁଶ୍‌ତାକ୍ ବୁକ୍ କର୍ଣ୍ଣର୍ ଲାହୋର୍)(ଫରହଙ୍ଗ୍ ସିରତ୍ , ପୃ-୬୩ , ଜୱ୍ୱାର ଏକାଡ଼େମି)(ମୁଅଜମୁଲ୍ ବୁଲଦାନ୍ , ଖ-୦୧ , ପୃ-୫୨୭)**

ସଜାହ୍ ର ପରିଚୟ ହେଉଛି ଏପରି କି ତାହାର ନାମ ସଜାହ୍ ବିନତ୍ ହାରିସ୍ ଥିଲା । ତା କୁନିୟତ୍ (ସାଙ୍ଗିଆ) ଉମ୍ମେ ସାଦିର୍ ଥିଲା । ସେ ଆରବର ଜଣେ କାହିନା ଥିଲା । ଏବଂ ସେ ସେହି କିଛି ଲୋକମାନଙ୍କ ମଧ୍ୟରେ ସାମିଲ୍ ଥିଲା ଯେଉଁମାନେ ନବୁୱତ୍ ର ଦାବି କରିଥିଲେ ଏବଂ ବିଦ୍ରୋହୀ କବିଲାମାନଙ୍କର ସରଦାର୍ ଥିଲେ । ଏମାନେ ଆରବରେ ଇରତାଦର (ଅର୍ଥାତ ଇସଲାମ ଧର୍ମକୁ ପରିତ୍ୟାଗ କରି ବିଧର୍ମି ହୋଇଯିବା) ସମୁୟର କିଛି ସମୟ ପୂର୍ବରୁ ବା ସେହି ସମୟରେ ମୁଣ୍ଡ ଟେକିଥିଲେ । ସଜାହ୍ ବନୁ ତମିମ୍ କବିଲା ସହିତ ସମ୍ପର୍କିତ ଥିଲା । ସେ ତା ମାଆଙ୍କ ତରଫରୁ ବନୁ ତଗଲବ୍ ସହିତ ଯାଇ ମିଶୁଥିଲା । ଯେଉଁମାନେ ଅଧିକାଂଶ ଖ୍ରୀଷ୍ଟିଆନ୍ ଥିଲେ । ସଜାହ୍ ନିଜେ ବି ଖ୍ରୀଷ୍ଟିଆନ୍ ଥିଲା ଏବଂ ଖ୍ରୀଷ୍ଟିଆନ୍ ପରିବାର ସହିତ ସମ୍ପୃକ୍ତ ଥିବା ଯୋଗୁଁ ସେ ଖ୍ରୀଷ୍ଟିଆନ୍ ଧର୍ମର ଜଣେ ଜ୍ଞାନୀ ଥିଲା । ଉକ୍ତ ମହିଳା ଜଣକ ଅବତାରତ୍ୱର ମିଥ୍ୟା ଦାବିଦାର ତଥା ବିଦ୍ରୋହୀ କବିଲାର ସରଦାର ଥିଲା । ସେ ନିଜ ସମ୍ପ୍ରଦାୟର ଲୋକମାନଙ୍କ ମଧରେ ଉଚ୍ଚ ଶିକ୍ଷିତ ମହିଳା ଥିଲା । ସେ ଇରାକ୍‌ରୁ ନିଜ ଅନୁଗାମୀମାନଙ୍କ ସାଥିରେ କେବଳ ଏଇଥିପାଇଁ ଆସିଥିଲା ଯେ ସେ ମଦିନା ଉପରେ ଆକ୍ରମଣ କରିପାରିବ । କେତେକ ଐତିହାସିକ୍‌ବିତ୍ କୁହନ୍ତି ଯେ ସୁଜାହ୍ ଇରାନୀ ଶାସକଙ୍କ ହ୍ରାସ ପାଉଥିବା କ୍ଷମତାକୁ ନିୟନ୍ତ୍ରଣ କରିବା ପାଇଁ ଇରାନୀମାନଙ୍କ ଯୋଜନା ଅନ୍ତର୍ଗତ ଆରବରେ ପ୍ରବେଶ କରିଥିଲା ।  ସେ ଯାହା ହେଉ ନା କାହିଁକି ସୁଜାହ୍ କର୍ମୀମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଆରବରେ ପ୍ରବେଶ କରିଥିଲା । ସର୍ବପ୍ରଥମେ ସେ ନିଜ ସମ୍ପ୍ରଦାୟ ବନୁ ତମିମ୍‌ଠାରେ ପହଂଚିଥିଲା । ସେତେବେଳେ ସେଠାରେ ଗୋଟିଏ ଦଳ ଜକାତ୍ ଦେବା ନିମନ୍ତେ ଓ ଖଲିଫାଙ୍କ ଅନୁଗାମୀ ଓ ତାହାଙ୍କ ଆଜ୍ଞାବହତା ସ୍ୱୀକାର କରିବାକୁ ଇଚ୍ଛୁକ ଥିଲା ବେଳେ ଆଉ ଗୋଟିଏ ଦଳ ସେମାନଙ୍କର ବିରୋଧ କରୁଥିଲା । ଆଉ ଗୋଟିଏ ଦଳ ବି ଥିଲା ଯିଏ ବୁଝିପାରୁନଥିଲା ଯେ ଆମେ କ'ଣ କରିବୁ ? ଅବା କ'ଣ ନ କରିବୁ ? ସେ ଯାହା ବି ହେଉ ଏହି ମତପ୍ରାର୍ଥକ୍ୟ ଏଭଳି ତିବ୍ର ରୂପ ନେଲା ଯେ ସେମାନେ ପରସ୍ପର ମଧ୍ୟରେ ଲଢ଼ିବା ଓ ସଂଘର୍ଷ କରିବା ଆରମ୍ଭ କରିଦେଲେ । ଇତିମଧ୍ୟରେ ସେହି ସବୁ କବିଲାଗୁଡ଼ିକ ସଜାହ୍‌ର ଆଗମନର ଖବର ପାଇଲେ ଏବଂ ସେମାନେ ଏ କଥା ବି ଜାଣି ପାରିଲେ ଯେ ସଜାହ୍ ମଦିନାରେ ପଂହଚି ଅବୁ ବକର୍ ର ଅ ଙ୍କ ସେନା ସହିତ ଯୁଦ୍ଧ କରିବାକୁ ମନସ୍ଥ କରିସାରିଛି । ପୁଣି ଆରବରେ ବିଦ୍ରୋହର ସୂତ୍ରପାତ ହେବାକୁ ଲାଗିଲା । ସଜାହ୍ ଏହି ଉଦ୍ଦେଶ୍ୟରେ ଆଗକୁ ଅଗ୍ରସର ହୋଇ ଚାଲିଥିଲା ଯେ,ସେ ନିଜ ସାଥିରେ ଏକ ବିଶାଳ ସେନାବାହିନୀ ନେଇ ବନୁ ତମିମ୍‌ରେ ପହଂଚିଯିବ ଏବଂ ଅବତାରତ୍ୱର ଘୋଷଣା କରି ନିଜର ଆନୁଗତ୍ୟ ସ୍ୱୀକାର କରିବାକୁ ଲୋକମାନଙ୍କୁ ଡ଼ାକରା ଦେବ । ଏପରି ଭାବରେ ସମ୍ପୂର୍ଣ୍ଣ କବିଲାବାସୀ ତାହାକୁ ଗ୍ରହଣ କରିନେବେ ଏବଂ ଉଐନା ପରି ବନୁ ତମିମ୍ ମଧ ତାହା ସଂକ୍ରାନ୍ତରେ ଏହା କହିବା ଆରମ୍ଭ କରିଦେବବ ଯେ ବନୁ ୟରବୁ'ର ନବୀୟା (ଅର୍ଥାତ ମହିଳା ନବୀ) କୁରୈଶ୍‌ର ଅବତାରଠାରୁ ଶ୍ରେୟସ୍କର । କାରଣ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କର ଦେହାନ୍ତ ତ ଘଟି ସାରିଛି କିନ୍ତୁ ସଜାହ୍ ଏବେ ସୁଦ୍ଧା ଜୀବିତ ଅଛି । ତାପରେ ସେ ବନୁ ତମିମ୍ କୁ ସାଥିରେ ଧରି ମଦିନା ଆଡ଼କୁ ଅଗ୍ରସର ହେବ । ଏହା ତାହାର ଷଡ଼ଯନ୍ତ୍ର ଓ ଯୋଜନା ଥିଲା ଯେ ଅବୁ ବକରଙ୍କ ସେନା ଉପରେ ଆକ୍ରମଣ କରି ବିଜୟ ପ୍ରାପ୍ତ କରିନେବ ଏବଂ ମଦିନାକୁ ନିଜ ଅଧିନସ୍ଥ କରିନେବ । ତେବେ ସେ ଯାହା ହେଉ ସଜାହ୍ ଓ ମାଲିକ ବିନ୍ ନୌଏରାଃ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କଲେ ।

ସଜାହ୍ ନିଜ ସୈନ୍ୟସାମନ୍ତକୁ ସାଥିରେ ଧରି ଯେତେବେଳେ ବନୁ ୟର୍‌ବୁର ସୀମାନ୍ତରେ ପହଂଚିଗଲା,ସେଠାରେ ସେ ରହିଗଲା  ଏବଂ କବିଲାର ସରଦାର ମାଲିକ ବିନ୍ ନୌଏରାଃକୁ ଡ଼ାକି ତାହା ସହିତ ସନ୍ଧି କରିବା ପାଇଁ ଓ ମଦିନା ଉପରେ ଆକ୍ରମଣ କରିବାକୁ ଆମନ୍ତ୍ରିତ କଲା । ମାଲିକ ବିନ୍ ନୌଏରାଃ ସଜାହ୍‌ର ଏହି ପ୍ରସ୍ତାବକୁ ସ୍ୱୀକାର ମଧ୍ୟ କରିନେଲା କିନ୍ତୁ ସେ ସଜାହ୍‌କୁ ମଦିନା ଉପରେ ଆକ୍ରମଣ ନକରିବାକୁ ପରାମର୍ଶ ଦେଲା ଏବଂ କହିଲା ଯେ ମଦିନା ଯାଇ ହଜରତ ଅବୁ ବକର ସେନାର ମୁକାବିଲା କରିବା ପରିବର୍ତ୍ତେ ପ୍ରଥମେ ନିଜ କବିଲାରେ ରହିଥିବା ନିଜ ବିରୋଧୀମାନଙ୍କର ବିନାଶ କରିବା ଜରୁରୀ । ସଜାହ୍ ମଧ୍ୟ ଏହି ପରାମର୍ଶକୁ ପସନ୍ଦ କଲା । ତାକୁ ଏକଥା ପସନ୍ଦ ଆସିଲା । ସେ କହିଲା ଯେ ଯାହା ତୁମ ଇଚ୍ଛା ତାହା ହିଁ କରିବା ମୁଁ ହେଉଛି ବନି ୟରବୁର ଜଣେ ମହିଳା ତେଣୁ ତୁମେ ଯାହା କହିବ ମୁଁ ତାହା ହିଁ କରିବି ।

ମାଲିକର ଏହି ପରାମର୍ଶକୁ ପସନ୍ଦ କରି ସଜାହ୍ ବନୁ ୟର୍‌ବୁର ଅନ୍ୟ ସରଦାରମାନଙ୍କୁ ନିଜ ସହିତ ସନ୍ଧି କରିବାକୁ ଆମନ୍ତ୍ରିତ କଲା । କିନ୍ତୁ ଓକିଇ ବ୍ୟତିତ କୌଣସି ସରଦାର ତାହାର ଆମନ୍ତ୍ରଣକୁ ସ୍ୱୀକାର କଲେନାହିଁ । ଏଥିରେ ସେ ମାଲିକ, ଓକିଇ ଓ ନିଜ ସେନାମାନଙ୍କ ସହିତ ମିଶି ସେହି ସରଦାରମାନଙ୍କ ଉପରେ ଆକ୍ରମଣ କରିଦେଲା । ଉଭୟ ଗୋଷ୍ଠୀ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା, ଯଦ୍ୱାରା ଉଭୟ ପକ୍ଷର ବହୁ ସଂଖ୍ୟକ ସୈନ୍ୟସାମନ୍ତ ନିହତ ହେଲେ ଏବଂ ଗୋଟିଏ କବିଲାର ଲୋକେ ନିଜ ଲୋକମାନଙ୍କୁ  କଏଦ କରିବାକୁ ଲାଗିଲେ । କିନ୍ତୁ କିଛି ସମୟ ପରେ ମାଲିକ ଓ ଓକିଇ ଉଭୟ ଏହା ଅନୁଭବ କଲେ ଯେ ସେମାନେ ଏହି ମହିଳାର ଅନୁସରଣ କରି ବଡ଼ ଭୂଲ କରିଛନ୍ତି । ସେମାନଙ୍କୁ ଏଥିରେ ପଶ୍ଚାତାପ ହେଲା, ସେମାନେ ନିଜ ଭୁଲ ବୁଝି ପାରିଲେ । ବସ୍ତୁତଃ ସେମାନେ ଅନ୍ୟ ସରଦାରମାନଙ୍କ ସହିତ ସନ୍ଧି ସ୍ଥାପନ କଲେ ଏବଂ ପରସ୍ପରଙ୍କ କଏଦୀମାନଙ୍କୁ ଫେରସ୍ତ କରିଦେଲେ । ଏପରି ଭାବରେ ତମିମ୍ କବିଲା ମଧ୍ୟରେ ଶାନ୍ତି ସ୍ଥାପନ ହୋଇଗଲା । ଯେତେବେଳେ ସଜାହ୍ ଦେଖିଲା ଯେ ଏବେ ତାର ଏଠାରେ କିଛି ଚାଲିବ ନାହିଁ । ସେ ଯେଉଁ ଉଦ୍ଦେଶ୍ୟ ନେଇ ଆସିଥିଲା ତାହା ପୂରଣ ହୋଇପାରିବ ନାହିଁ । ତେଣୁ ସେ ନିଜ ସ୍ଥିରୀକୃତ ଉଦ୍ଦେଶ୍ୟରେ ଅସଫଳ ହେବା ଯୋଗୁଁ ବନୁ ତମିମ୍ ରୁ ସବୁକିଛି ଧରି ମଦିନା ଆଡ଼କୁ ଅଗ୍ରସର ହେଲା । ନିବାଜ ବସ୍ତିରେ ପହଂଚିବା ମାତ୍ରେ  ଅୱ୍ସ୍ ବିନ୍ ଖୁଜେମାଃ ଗୋଷ୍ଠୀ ସହିତ ତାର ମୁହାଁମୁହିଁ ହେଲା, ଯେଉଁଥିରେ ତାହାକୁ ଘୋର ପରାଜୟ ବରଣ କରିବାକୁ ପଡ଼ିଥିଲା । ଅୱ୍ସ୍ ଗୋଷ୍ଠୀ ସଜାହ୍‌କୁ ଏହି ସର୍ତରେ ଛାଡ଼ି ଦେବାକୁ ରାଜି ହେଲା ଯେ, ସେ

ପ୍ରତିଜ୍ଞା କରୁ କି ସେ ମଦିନା ଆଡ଼କୁ ଅଗ୍ରସର ହେବନାହିଁ ବରଂ ସେହିଠାରୁ ପ୍ରତ୍ୟାବର୍ତନ କରିଯିବ । ଏହି ଘଟଣା ପରେ ଦ୍ୱୀପପୁଞ୍ଜର ସୈନ୍ୟବାହିନୀର ମୁଖିଆମାନେ ଏକାଠି ହୋଇ ସଜାହ୍ କୁ କହିଲେ ଯେ ଏବେ ଆପଣ ଆମକୁ କ'ଣ ହୁକୁମ୍ ଦେବେ ? ମାଲିକ ଏବଂ ଓ୍ୱକିଇ ନିଜ କୌମ୍ ସାଥିରେ ସୁଲାହ୍ କରିସାରିଛନ୍ତି । ନା ତ ସେମାନେ ଆମକୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ଓ ନା ସେମାନେ ଏ କଥାରେ ରାଜି ଅଛନ୍ତି ଯେ ଆମେ ତାଙ୍କ ଭୂଖଣ୍ଡ ଦେଇ ଯାଇପାରିବା । ମଦିନା ଯିବାପାଇଁ ଆମ ରାସ୍ତାକୁ ଅବରୋଧ କରିଦିଆଯାଇଛି । ଏବେ ବତାନ୍ତୁ ଆମେ କ'ଣ କରିବୁ ? ସଜାହ୍ ଉତରରେ କହିଲା ଯେ ଯଦି ମଦିନାର ମାର୍ଗ ଆମମାନଙ୍କ ପାଇଁ ଅବରୁଦ୍ଧ କରାଯାଇଛି ତାହାଲେ କୌଣସି ଚିନ୍ତା କରିବାର ଆବଶ୍ୟକ ନାହିଁ । ତୁମେ ୟମାମାଃ ଚାଲ । ପୁଣି ସେ କହିଲା ଯେ ୟମାମାଃବାସୀ ବୈଭବ ତଥା ଗୌରବରେ ଆମଠାରୁ ବେଶ ଅଧିକା ଏବଂ ମୁସଲେମାଃ କଜ୍ଜାବର ଶକ୍ତି ଓ ସାମର୍ଥ୍ୟ ବେଶ ବୃଦ୍ଧି ଘଟିଛି । ଆଉ ଏକ ରିଓ୍ୱାୟତରେ ଆସିଛି ଯେ ଯେତେବେଳେ ତା ସୈନ୍ୟବାହିନୀର ସରଦାରମାନେ ସଜାହକୁ ଆସନ୍ତା ଯୋଜନା ସମ୍ପର୍କରେ ଜାଣିବାକୁ ଚାହିଁଲେ ସେ ଏହାର ଉତର ଦେଲା ଯେ **ଅଲୈକୁମ୍ ବିଲ୍ ୟମାମଃ ଓ୍ୱ ଦୁଫ୍‌ଫୁ ଦଫିଫଲ୍ ହମାମାଃ ଫଇନ୍ନହା ଗଜଓ୍ୱତୁନ୍ ସର୍ରାମାଃ ଲା ୟଲହକୁକୁମ୍ ବାଦହା ମଲାମାଃ** ଅର୍ଥାତ ୟମାମାଃ ଚାଲନ୍ତୁ । ପାରା ପରି ତିବ୍ରବେଗରେ ଚାଲ ସେଠାରେ ଭୀଷଣ ଯୁଦ୍ଧ ହେବ ଶତ୍ରୁ ସହିତ । ଯାହା ପରେ ତୁମେ କଦାପି ଅନୁତପ୍ତ ହେବନାହିଁ । ଏପରି ଐଶୀବାଣୀ ରଙ୍ଗରେ ଏକ ମୁକଫ୍‌ଫା (ଅର୍ଥାତ କବିତା ସମ୍ୱଳିତ ଲେଖା) ଓ ମୁସଜ୍‌ଜା (ଅର୍ଥାତ ଗଦ୍ୟ ସମ୍ୱଳିତ ସୁସଜ୍ଜିତ ବାକ୍ୟ) ଉକ୍ତି ଆକାରରେ ସେମାନଙ୍କୁ ପାଠ କରି ନିଶ୍ଚିନ୍ତ କରାଇଲା ଯେ, ଆମେ ୟମାମା ଉପରେ ଆକ୍ରମଣ କରିବା । ଏକଥା ଶୁଣିବା ପରେ , ଯେଉଁ କଥାକୁ ତା ସୈନିକମାନେ ଐଶିବାଣି ମନେକରୁଥିଲେ ,ସେମାନଙ୍କ ପକ୍ଷେ ତାହାର ଆଦେଶ ପାଳନ କରିବା ବ୍ୟତିତ ଅନ୍ୟ କୌଣସି ଉପାୟ ନଥିଲା । **(ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ , ମୁତରଜିମ୍ ଶେଖ୍ ଅହମଦ୍ ପାନିପତି , ପୃ-୧୯୩-୧୯୮ , ଇସଲାମି କୁତୁବ୍ ଖାନା)(ଉର୍ଦ୍ଦୁ ଦାଏରାଃ ମାଆରିଫ୍ ଇସଲାମିୟାଃ ,ଖ-୧୦, ପୃ-୭୩୮ , ମୁଦ୍ରଣ ଲାହୋର୍)**

ସଜାହ୍ ଯେତେବେଳେ ନିଜ ସୈନ୍ୟସାମନ୍ତକୁ ଧରି ୟମାମାରେ ପହଂଚିଲା ସେତେବେଳେ ମୁସୈଲେମାକୁ ଚିନ୍ତା ଘାରିଲା । ସେ ନିଷ୍ପତି କଲା ଯେ ଯଦି ଆମେ ସଜାହ୍‌ର ସେନା ଉପରେ ଆକ୍ରମଣ କରିବୁ ତେବେ ଆମର ଶକ୍ତି ଦୁର୍ବଳ ହୋଇଯିବ ଏବଂ ଇସ୍‌ଲାମୀୟ ସେନା ଆମ ଉପରେ ଆକ୍ରମଣ କରି ଆମକୁ ତଳିତଳାନ୍ତ କରିଦେବ । ଆଉ ଆଖପାଖରେ ଥିବା କବିଲାମାନେ ଆମର ଖାତିର୍ କରିବେନାହିଁ । ବସ୍ତୁତଃ ମୁସୈଲେମା ସଜାହ୍ ସହିତ ସନ୍ଧି କରିବାର ନିଷ୍ପତି କଲା । ପ୍ରଥମେ ସେ ତାହା ନିକଟକୁ ଉପହାର ଓ ଭେଟି ପ୍ରେରଣ କଲା ତା ପରେ ଖବର ପ୍ରେରଣ କଲା କି ସେ ସ୍ୱୟମ ତାହା ସହିତ ଭେଟିବାକୁ ଚାହୁଁଛି । ଏଥିରେ ସଜାହ୍ ମୁସୈଲେମାର ପ୍ରସ୍ତାବକୁ ସ୍ୱାଗତ ଜଣାଇ ତାହା ସହିତ ସାକ୍ଷାତ କରିବାର ଅନୁମତି ପ୍ରଦାନ କରିଦେଲା । ଆଉ ମୁସୈଲେମା ବନୁ ହନିଫାର ୪୦ଜଣ ସଦସ୍ୟଙ୍କୁ ନିଜ ସାଥିରେ ନେଇ ସଜାହ୍ ନିକଟରେ ଆସି ପହଂଚିଲା ,ଏବଂ ଏକାନ୍ତରେ ସେମାନଙ୍କ ମଧ୍ୟରେ ବାର୍ତାଳାପ ମଧ ହେଲା । ସଜାହ୍‌କୁ ମୁସୈଲେମା କଜ୍ଜାବ ସମ୍ପୁର୍ଣ୍ଣ ରୂପେ ନିଜର ବଶୀଭୁତ କରିବା ପାଇଁ ଓ ତାହାକୁ ନିଜ ସହଯାତ୍ରୀ କରିବାପାଇଁ ମୁସୈଲେମା ସଜାହକୁ ଏହି ପରାମର୍ଶ ଦେଲା ଯେ ଆମେ ଦୁହେଁ ନିଜ ଅବତାରତ୍ୱକୁ ଏକ କରିଦେବା ଏବଂ ପରସ୍ପର ବିବାହ ବନ୍ଧନରେ ବାନ୍ଧି ହୋଇଯିବା । ଯଦି ଆମେ ଏପରି କରିବା ତେବେ ଏହା ଖୁବ୍ ଭଲ ହେବ । ସଜାହ୍ ତାହାର ଏହି ପ୍ରସ୍ତାବରେ ମଧ୍ୟ ରାଜି ହୋଇଗଲା ଏବଂ ତିନିଦିନ ପର୍ଯ୍ୟନ୍ତ ମୁସୈଲେମାର କ୍ୟାମ୍ପରେ ଅର୍ଥାତ ଶିବିରରେ ରହିବା ପରେ ସଜାହ୍ ନିଜ ସେନା ନିକଟକୁ ଫେରି ଆସିଥିଲା ଏବଂ ନିଜ ସାଥିମାନଙ୍କ ସହିତ ଏହା ଆଲୋଚନା ଏବଂ ପରାମର୍ଶ କଲା ଯେ ସେ ମୁସ୍‌ଲୈମାକୁ ସତ୍‌ପଥରେ ଦଣ୍ଡାୟମାନ ଥିବା ଅନୁଭବ କରି ତା ସହିତ ବିବାହ କରିନେଇଛି । ଲୋକମାନେ ତାକୁ ପଚାରିଲେ କଣ ସେ କିଛି ମହେର୍ (ଅର୍ଥାତ ଯେଉଁ ରାଶି ବର ନିଜ ପତ୍ନୀକୁ ପ୍ରଦାନ କରିଥାଏ) ଧାର୍ଯ୍ୟ କରିଛି ? ସେ ଉତର ଦେଲା ଯେ ମେହେର୍ ତ ଧାର୍ଯ୍ୟ କରିନାହିଁ । ଅତଏବ ସେମାନେ ସଜାହ୍‌କୁ ପରାମର୍ଶ ଦେଲେ ଯେ ଆପଣ ଫେରି ଯାଇ ପ୍ରଥମେ ବିଧିବଦ୍ଧ ଭାବରେ ମହେରର ରାଶି ଧାର୍ଯ୍ୟ କରନ୍ତୁ । କାରଣ ଆପଣଙ୍କ ପରି ସୁପ୍ରତିଷ୍ଠିତ ସମ୍ଭ୍ରାନ୍ତବର୍ଗ ମହିଳା ବିନା ମହେର୍‌ରେ ବିବାହ କରିବା ଉଚିତ ଲାଗୁନାହିଁ । ବସ୍ତୁତଃ ସଜାହ୍ ମୁସ୍‌ଲୈମା ନିକଟକୁ ଫେରିଗଲା ଏବଂ ତାହାକୁ ନିଜ ହକ୍ ମେହର୍ ସମ୍ୱନ୍ଧରେ , ନିଜ ଆଗମନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କଲା । ଏଥିରେ ମୁସ୍‌ଲୈମା ତାହା ପାଇଁ ଇଶା ଓ ଫଜର୍ ନମାଜକୁ କୋହଳ କରିଦେଲା ଅର୍ଥାତ୍ ଇଶା ଓ ଫଜର୍ ନମାଜରେ ହ୍ରାସ କରିଦେଲେ । ଓ ତାହାକୁ ବନ୍ଦ କରିଦେଲା । ସେ ଯାହା ହେଉ ନା କାହିଁକି ହକ୍ ମେହର୍ ସମ୍ୱନ୍ଧରେ ଏକଥା ନିଷ୍ପତି ହେଲା ଯେ ମୁସ୍‌ଲୈମା ୟମାମା ଭୁଖଣ୍ଡରୁ ଆସୁଥିବା କର (ଟିକସ)ର ବାର୍ଷିକ ଆମଦାନୀରୁ ଅର୍ଦ୍ଧେକ ଅଂଶ ସଜାହ୍‌କୁ ପ୍ରଦାନ କରିବ । ଏଥିରେ ମୁସ୍‌ଲୈମା ୟମାମା ଭୁଖଣ୍ଡରୁ ଆସୁଥିବା କର (ଟିକସ)ର ବାର୍ଷିକ ଆମଦାନୀରୁ ଅର୍ଦ୍ଧେକ ଅଂଶ ସଜାହ୍‌କୁ ପ୍ରଦାନ କରିଦେଲା । ଯାହାକୁ ନେଇ ସେ (ଅର୍ଥାତ ସଜାହ୍) ଉପଦ୍ୱୀପ ଆଡ଼କୁ ଫେରିଗଲା ଏବଂ ବାକି ଅଧା ବର୍ଷର ଆମଦାନୀକୁ ହାସଲ କରିବା ପାଇଁ ନିଜର କିଛି କର୍ମୀମାନଙ୍କୁ ବନୁ ହୁଜୈଫାରେ ହିଁ ଛାଡ଼ିଦେଲା । ସେଥିଅନ୍ତେ ସଜାହ୍ ବନୁ ତଗ୍‌ଲବ୍‌ରେ ଅବସ୍ଥାନ କଲା । ତା ସମ୍ୱନ୍ଧରେ ଆସୁଛି ଯେ ପରେ ସେ ତୌବାଃ କରି ଅର୍ଥାତ୍ କ୍ଷମାଭିକ୍ଷା କରି ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଯାଇଥିଲା । କେତେକଙ୍କ କହିବା ଅନୁସାରେ ସେ ହଜରତ୍ ଉମର୍ ର ଅ ଙ୍କ ଖିଲାଫତ୍ ସମୟରେ ଇସଲାମ୍ ଗ୍ରହଣ କରିଥିଲା । ଏପରିକି ହଜରତ ଅମିର ମୁଆଓ୍ୱିୟା ଦୁର୍ଭିକ୍ଷ ପଡ଼ିଥିବା ବର୍ଷରେ ,ସମୟରେ ତାହାକୁ ତାହା ଗୋଷ୍ଠୀ ସହିତ ବନୁ ତମିମ୍ ଆଡ଼କୁ ପ୍ରେରଣ କରିଦେଇଥିେ, ଯେଉଁଠାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ମୁସଲମାନ ଅବସ୍ଥାରେ ରହିଥିଲା । **(ହଜରତ୍ ଅବୁବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ , ମୁତରଜିମ୍ ଶେଖ୍ ଅହମଦ୍ ପାନିପତି , ପୃ-୧୯୮-୧୯୯ , ଇସଲାମି କୁତୁବ୍ ଖାନା)(ତାରିଖେ ତିବରୀ , ଖ-୦୨, ପୃ-୨୭୧,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨) (ଅଲବଦାୟତୁନ୍ ନହାୟାଃ,ଖ-୦୭, ପୃ-୨୫୯,ଦାରେ ହିଜର୍ ବେରୁତ୍ ୧୯୯୭)**

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅଙ୍କୁ ଆଦେଶ ଦେଇଥିଲେ ଯେ ତୁଲୈହା ଅସଦୀର ପ୍ରସଙ୍ଗ ସମାଧାନ କରିବା ପରେ ଆପଣ ମାଲିକ ବିନ୍ ନୌଏରାଃର ମୁକାବିଲା କରିବାକୁ ଚାଲିଯିବେ ଯିଏ ବୁତାହ୍ ସ୍ଥାନରେ ଅବସ୍ଥାନ କରିଥିଲା । **(ତାରିଖେ ତିବରୀ , ଖ-୦୨, ପୃ-୨୫୭,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ ଯେବେ ବୁତାହ୍ ଠାରେ ପହଂଚିଲେ,ସେଠାରେ କାହାରିକୁ ପାଇଲେ ନାହିଁ । ମାଲିକ୍ ନିଜର ସମସ୍ତ ସମ୍ପତି ନିଜ ସାଥିମାନଙ୍କ ତତ୍ୱାବଧାନରେ ଅର୍ପଣ କରିଦେଇ କହିଲା ତୁମେମାନେ କଦାପି ଏକତ୍ର ହେବନାହିଁ । କାରଣ ସେମାନେ ସମସ୍ତେ ବିଛୁରିତ ହୋଇଯାଇଥିଲେ । ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ ବିଭିନ୍ନ ସୈନ୍ୟଦଳକୁ ଏଣେତେଣେ ପ୍ରେରଣ କରିଦେଲେ ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦେଲେ ଯେ ଯେଉଁ ସ୍ଥଳେ କାହାରିକୁ ଭେଟିବ ସର୍ବପ୍ରଥମେ ତାହାକୁ ଇସ୍‌ଲାମ୍ ପ୍ରତି ଆମନ୍ତ୍ରିତ କରିବ, ଇସ୍‌ଲାମ୍‌ର ବାର୍ତା ପହଂଚାଇବ । ଯିଏ ଏହାର ଉତର ନ ଦେବ ତାହାକୁ ବନ୍ଦି କରି ଆଣିବ ଏବଂ ଯିଏ ତୁମର ମୁକାବିଲା କରିବ ଅର୍ଥାତ ତୁମ ସହିତ ଯୁଦ୍ଧ କରିବ , ତାହାକୁ ହତ୍ୟା କରିଦେବ । ସେହି ଦଳମାନଙ୍କ ମଧ୍ୟରୁ ଗୋଟିଏ ଦଳ ମାଲିକ ବିନ୍ ନୌଏରାଃକୁ କଏଦ କରି ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅଙ୍କ ନିକଟକୁ ଘେନି ଆଣିଥିଲା । ତା ସହିତ ବନୁ ସାଲବା ବିନ୍ ୟରବୁଉ ର କିଛି ଲୋକ ଆସିମ୍ , ଉବୈଦ୍ ,ଅରିନ୍ ଏବଂ ଜାଫର୍ ଥିଲେ । ସେହି ସୈନ୍ୟ ଦଳରେ ହଜରତ୍ ଅବୁ କତାଦାଃ ର ଅ ବି ଥିଲେ । ତାଙ୍କର ମତାନ୍ତର ହୋଇଗଲା । ଏଠାରେ ଗୋଟିଏ ରିଓ୍ୱାୟତ ଉରୁଓ୍ୱାଙ୍କ ବାପାଙ୍କ ଠାରୁ ବର୍ଣ୍ଣିତ ରହିଛି ଯେ ସେହି ଅବସରରେ ଅଭିଯାନ ପରେ ଲୋକମାନେ ଏ ସାକ୍ଷ୍ୟ ଦେଲେ ଯେ ଯେବେ ଆମେ ଅଜାନ୍ ଦେଇଛୁ , ଅକାମତ୍ ଦେଇଛୁ ଏବଂ ନମାଜ ପାଠକରିଛୁ ତହା ହେଲେ ସେହି ଲୋକମାନେ ବି ସେହିପରି କରିଛନ୍ତି । କିନ୍ତୁ ଅନ୍ୟମାନେ କହିଲେ ଯେ ନୁହେଁ ସେମିତି କିଛି ବି ହୋଇନାହିଁ । ହଜରତ୍ ଅବୁ କତାଦାଃ ର ଅ ଏକଥାର ସାକ୍ଷ୍ୟ ଦେଲେ ଯେ ସେ ଅଜାନ୍ ଦେଇଛନ୍ତି ,ଅକାମତ୍ କହଛନ୍ତି ଏବଂ ନମାଜ ପଢିଛନ୍ତି । ସାକ୍ଷ୍ୟ ଦେବାରେ ଏପରି ମତପାର୍ଥ୍ୟକକୁ ଦେଖି ହଜରତ୍ ଖାଲିଦ୍ ର ଅ ସେହି ଲୋକମାନଙ୍କୁ ଗିରଫ କରିଥିଲେ । **(ତାରିଖେ ତିବରୀ , ଖ-୦୨, ପୃ-୨୭୨,୨୭୩,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ମାଲିକ୍ ବିନ୍ ନୌଏରାଃକୁ ବଧ କରାଯିବା ସମ୍ୱନ୍ଧରେ ଦୁଇ ପ୍ରକାରର ବର୍ଣ୍ଣନା ମିଳୁଅଛି-ଗୋଟିଏ ବର୍ଣ୍ଣନା ରହିଛି ଯେ ମାଲିକ୍ ବିନ୍ ନୌଏରାଃକୁ ବଧ କରାଯାଇଥିଲା । ଆଉ ଗୋଟିଏ ବର୍ଣ୍ଣନାନୁଯାୟୀ ସେଦିନ ରାତିରେ ଭୀଷଣ ଶୀତ ଅନୁଭବ ହେଉଥିଲା, ଯେ ସମାଳ ପଡୁନଥିଲା । ଯେବେ ଶୀତ ଆହୁରି ଅଧିକ ବଢିବାକୁ ଲାଗିଲା ,ସେତେବେଳେ ହଜରତ ଖାଲିଦ ର ଅ ମୁନାଦୀ(ଡିଙ୍ଗୁରା ବାଲା)କୁ ନିର୍ଦ୍ଦେଶ ଦେଲେ , ସେ ବଡ ପାଟିରେ ଆବାଜ କରି ଏହି ଘୋଷଣା କଲା: **ଅଦ୍‌ଫିଉ ଅସ୍‌ରାକୁମ୍** ଅର୍ଥାତ ନିଜ କଏଦୀମାନଙ୍କୁ ଉଷ୍ମତା ପ୍ରଦାନ କର । ଅର୍ଥାତ ତାଙ୍କୁ ଶୀତରୁ ରକ୍ଷା କରିବାର ବ୍ୟବସ୍ଥା କର । କିନ୍ତୁ ବନୁ କିନାନାଃର ବୋଲଚାଲରେ ଏହି ବାକ୍ୟର ଅର୍ଥ ଅଲଗା ଥିଲା । ସେଠିକାର ବୋଲଚାଲରେ ଏହି ବାକ୍ୟର ଅର୍ଥ ଥିଲା ତାକୁ ହତ୍ୟା କରିଦିଅ । ଅତଏବ ସିପାହୀମାନେ ତାଙ୍କ ଆଂଚଳିକ ଭାଷାରେ , ନିଜ ବୋଲଚାଲରେ ଯେଉଁ ଅର୍ଥ ବୁଝାପଡିଥାଏ ତାଅନୁସାରେ ବୁଝିଲେ ଯେ ସେହି କଏଦୀମାନଙ୍କୁ ହତ୍ୟା କରିବାପାଇଁ ଆଦେଶଦ ଦିଆଯାଇଛି । ସୁତରାଂ ସେମାନେ ଏକଥା ଚିନ୍ତା କରି ସମସ୍ତ କଏଦୀମାନଙ୍କୁ ହତ୍ୟା କରିଦେଲେ । ହଜରତ୍ ଜିରାର୍ ବିନ୍ ଅଜଓ୍ୱର୍ ମାଲିକକୁ ହତ୍ୟା କରିଥିଲେ । ଆଉ ଗୋଟିଏ ରିଓ୍ୱାୟତ ଅନୁସାରେ ଅବଦ ବିନ୍ ଅଜଓ୍ୱର୍ ମାଲିକକୁ ହତ୍ୟା କରିଥିଲେ । କିନ୍ତୁ କଲବୀ କୁହନ୍ତି ଜିରାର୍ ବିନ୍ ଅଜଓ୍ୱର୍ ମାଲିକକୁ ହତ୍ୟା କରିଥିଲେ । ଯେତେବେଳେ ହଜରତ ଖାଲିଦ୍ ର ଅଙ୍କୁ ରୋଦନ ଓ ଚିତ୍କାରର ସ୍ୱର ଶୁଭିଲା , ସେ ପଦାକୁ ବାହାରି ଆସିଲେ କିନ୍ତୁ ସେତେବେଳକୁ ସିପାହୀମାନେ ସମସ୍ତ କଏଦୀମାନଙ୍କୁ ହତ୍ୟା କରିସାରିଥିଲେ । ସେଥିଅନ୍ତେ ଆଉ କ'ଣ ବା ହୋଇପାରିଥାନ୍ତା ସୁତରାଂ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ କହିଲେ, ଅଲ୍ଲାଃ ଯେଉଁ କାର୍ଯ୍ୟ କରିବାକୁ ସ୍ଥିର କରିନିଅନ୍ତି ତାହା ନିଶ୍ଚିତ ରୂପେ ଘଟିଯାଇଥାଏ ।**(ତାରିଖେ ତିବରୀ , ଖ-୦୨, ପୃ-୨୭୩,୨୭୪,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ଆଉ ଏକ ବର୍ଣ୍ଣନା ଏମିତି ବି ମିଳୁଛି ଯେ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍ ର ଅ ମାଲିକ୍ ବିନ୍ ନୌଏରାଃକୁ ନିଜ ନିକଟକୁ ଡ଼କାଇଲେ । ସଜାହ୍ ସହିତ ମିଳିତ ହୋଇ ସେ ଯେଉଁ ଷଡ଼ଯନ୍ତ୍ର କରିଥିଲା ଏବଂ ସେ ଜକାତ୍ ଦେବାକୁ ମନା କରିଦେଇଥିଲା । ଏହି କଥା ତାହାକୁ ସ୍ମରଣ କରାଇଲେ ଏବଂ କହିଲେ କ'ଣ ତୁମକୁ ଜଣାନାହିଁ ଯେ, ଜକାତ୍ ହେଉଛି ନମାଜ୍‌ର ସାଥି ବୋଲି ? ଅର୍ଥାତ ଦୁଇଟିଯାକ ଏକା ପ୍ରକାରର ନିର୍ଦ୍ଦେଶ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ୱନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

କିନ୍ତୁ ତୁମେ ଜକାତ୍ ଦେବାକୁ ଅସ୍ୱୀକାର କରିଦେଲ । ସେ ଉତର ଦେଲା ତୁମ ସାହେବଙ୍କର ଏହି ଚିନ୍ତାଧାରା ଥିଲା ଅର୍ଥାତ ସେ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ କହିବା ପରିବର୍ତେ ସାହେବ ଓ ସାଥି ଶବ୍ଦ ବ୍ୟବହାର କରିଥିଲା । ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ପୁନଶ୍ଚ କହିଲେ, କ'ଣ ସେ କେବଳ ଆମର ସାହେବ ଅଟନ୍ତି ତୁମର ସାହେବ ନୁହନ୍ତି କି ? ତା'ପରେ ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ହଜରତ ଜରାର୍ ର ଅଙ୍କୁ ଆଦେଶ ଦେଇଥିଲେ ଯେ ଯାଅ ତାହାର ଶିର ଛେଦ କରିଦିଅ । ଅତଏବ ଜରାର୍ ର ଅ ତାହାର ଶିର ଛେଦ କରିଦେଇଥିଲେ । **(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ୱ୍ କାରନାମେ ଅଜ୍ ଡାକ୍ତର ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ , ପୃ-୩୩୨, ମକତବଃ ଅଲଫୁରକାନ୍ ମୁଜଫର୍ ଗଡ୍ ପାକିସ୍ତାନ୍ )**

ତା ମରିବା ବିଷୟରେ ଆଉ ଗୋଟିଏ ରିୱାୟତ ମିଳୁଅଛି ।

ଇତିହାସର ବର୍ଣ୍ଣନା ଅନୁଯାୟୀ ଏହି ପ୍ରସଙ୍ଗରେ ଅବୁ କତାଦାଃ ର ଅ ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ସହିତ ଚର୍ଚ୍ଚା କରିଥିଲେ ପୁଣି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଅବୁ କତାଦାଃ ର ଅ ଏହି ପ୍ରସଙ୍ଗରେ ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ସହିତ ଭିନ୍ନ ମତ ରଖି ମୁସଲମାନ ସେନାକୁ ଛାଡ଼ି ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ (ମଦିନା) ଚାଲିଆସିଲେ ଏବଂ ହଜରତ ଅବୁ ବକର୍ ର ଅଙ୍କ ନିକଟରେ, ଖିଲାଫତ୍ ଦରବାରରେ ଏ ଅଭିଯୋଗ କରିଥିଲେ ଯେ ଖାଲିଦ୍ ମାଲିକ ବିନ୍ ନୌଏରାଃକୁ ହତ୍ୟା କରାଇ ଦେଇଛନ୍ତି । ଯେବେ କି ସେ ମୁସଲମାନ ହୋଇଯାଇଥିଲା ଏବଂ ତା ପତ୍ନୀକୁ ବିବାହ କରିଦେଇଛନ୍ତି । ଆରବର ଲୋକମାନେ ଯୁଦ୍ଧ ସମୟରେ ଏପରି ବିବାହକୁ ଭଲକଥା ବୋଲି ଜାଣନ୍ତି ନାହିଁ । ହଜରତ୍ ଉମର୍ ର ଅ ବି ଅବୁ କତାଦାଃଙ୍କ ଏହି କଥାକୁ ସମର୍ଥନ କଲେ । **(ତାରିଖେ ତିବରୀ , ଖ-୦୨, ପୃ-୨୭୩-୨୭୪ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଅବୁ କତାଦାଃ ର ଅଙ୍କର ଏପରି ଆଚରଣରେ ବହୁତ କ୍ରୋଧିତ ହେଲେ ଯେ ସେ ସେନାଧକ୍ଷ ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ବିନା ଅନୁମତିରେ ସେନାବାହିନୀରୁ ବାହାରି ମଦିନା ଚାଲିଆସିଛନ୍ତି । ସୁତରାଂ ତାଙ୍କୁ ଏ ଆଦେଶ ଦେଇଥିଲେ ଯେ ସେ ଯଥାଶୀଘ୍ର ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ନିକଟକୁ ଫେରିଯାଆନ୍ତୁ । ଅତେବ ଅବୁ କତାଦାଃ ର ଅ ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ନିକଟକୁ ଫେରିଗଲେ ।**(ତାରିଖେ ତିବରୀ , ଖ-୦୨, ପୃ-୨୭୩,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ତବ୍‌ରୀର ଇତିହାସ ପୃଷ୍ଠାରେ ଏହାର ଅଧିକ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ହଜରତ ଉମର ର ଅ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ସେବାରେ ନିଜ ମତପ୍ରକାଶ କଲେ ଯେ, ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଜଣେ ମୁସଲମାନର ରକ୍ତ ବୁହାଇବା ଅପରାଧ କରିଛନ୍ତି । ଯଦି ଏକଥା ସାବ୍ୟସ୍ତ ବି ନ ହୋଇପାରେ ତଥାପି ଏତେ ମାତ୍ରାରେ ତ ସାବ୍ୟସ୍ତ ହୋଇଯାଇଛି ଯେ ଜଣକୁ ହତ୍ୟା କରାଯାଇଥିବା ଘଟଣା ତ ସତ୍ୟ ଅଟେ । ଏଥି ସକାଶେ ତାଙ୍କୁ କଏଦ କରାଯାଉ । ଏହି ପ୍ରସଙ୍ଗରେ ହଜରତ ଉମର ର ଅ ବାରମ୍ବାର ଉତ୍‌ଥାପିତ କରିଥିଲେ । ଯେହେତୁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ନିଜ ଅମୀର ଓ ସେନାଧକ୍ଷମାନଙ୍କୁ କଦାପି କଏଦ କରିବାକୁ ପସନ୍ଦ କରୁନଥିଲେ ତେଣୁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ କହିଲେ: ହେ ଉମର୍ ! ଏହି ପ୍ରସଙ୍ଗରେ ନୀରବତା ରକ୍ଷା କର । ଆପଣ ଅଧିକନ୍ତୁ କହିଲେ, ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ଦ୍ୱାରା ଏକ ଇଜତିହାଦି ଭୂଲ ଅର୍ଥାତ ପ୍ରସଙ୍ଗକୁ ବୁଝିନପାରି ଏକପ୍ରକାରର ପ୍ରୟାସଗତ ତ୍ରୁଟି ସାଧିତ ହୋଇଯାଇଛି ତେଣୁ ତୁମେ ତାଙ୍କ ପ୍ରସଙ୍ଗରେ କିଛି କୁହନାହିଁ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ମାଲିକ୍ ବିନ୍ ନୌଏରାଃକୁ ହତ୍ୟା କରାଯିବାର କ୍ଷତିପୂରଣ ପଇଠ କରିଦେଇଥିଲେ । ସେଥିଅନ୍ତେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କୁ ପତ୍ର ଲେଖି ମଦିନା ଡ଼କାଇଥିଲେ । ସେ ମଦିନା ଆସି ଉକ୍ତ ଘଟଣାର ସମସ୍ତ ସତ୍ୟାସତ୍ୟ ଖିଲାଫତ ଦରବାରରେ ବୃତାନ୍ତ ବର୍ଣ୍ଣନା କରିଥିଲେ ଏବଂ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କଠାରୁ କ୍ଷମା ଭିକ୍ଷା କରିଥିଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାହା ସ୍ୱୀକାର କରିନେଇଥିଲେ । **(ତାରିଖେ ତିବରୀ , ଖ-୦୨, ପୃ-୨୭୩,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ଏକ ବର୍ଣ୍ଣନାରେ ହଜରତ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ମଦିନାରେ ଉପସ୍ଥିତ ହେବା ଘଟଣାର ଚର୍ଚ୍ଚା ଏହିପରି ଭାବରେ ଉଲ୍ଲେଖ ରହିଛି ଯେ, ହଜରତ ଖାଲିଦ ର ଅ ସେହି ଅଭିଯାନରୁ ଫେରି ମଦିନା ଆସିଥିଲେ ଏବଂ ମସ୍‌ଜିଦେ ନବୱିରେ ପ୍ରବେଶ କରିଥିଲେ । ଯେତେବେଳେ ହଜରତ ଖାଲିଦ ର ଅ ମସଜିଦ୍‌କୁ ଆସିଲେ ସେତେବେଳେ ହଜରତ ଉମର ର ଅ ତାଙ୍କୁ କହିଲେ, ହେ ଖାଲିଦ୍ ! ତୁମେ ଜଣେ ମୁସଲମାନ ବ୍ୟକ୍ତିକୁ ହତ୍ୟା କରିଦେଇଛ । ପୁଣି ତା ସ୍ତ୍ରୀ ଉପରେ ଅଧିକାର ସାବ୍ୟସ୍ତ କରିଛ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ତୁମକୁ ଅବଶ୍ୟ ମାରିଦେବି । ଏଥିରେ ହଜରତ ଖାଲିଦ ର ଅ ତାଙ୍କୁ ପଦଟିଏ ମଧ୍ୟ ଉତର ଦେଇନଥିଲେ । କାରଣ ସେ ଚିନ୍ତା କରୁଥିଲେ ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କର ବି ତାଙ୍କ ପ୍ରତି ଏହିଭଳି ଚିନ୍ତାଧାରା ରହିଛି । ତେଣୁ ହଜରତ ଖାଲିଦ୍ ର ଅ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ ଚାଲିଗଲେ ଏବଂ ସମସ୍ତ ଘଟଣା ଚକ୍ର ବିଷୟରେ ଅବଗତ କରାଇଥିଲେ । ପୁଣି ସେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କଠାରୁ କ୍ଷମା ଭିକ୍ଷା କରିଥିଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାହା ସ୍ୱୀକାର କରିନେଇଥିଲେ । ପୁଣି ସେ ସେଠାରୁ ଖୁସି ଖୁସି ଉଠି ଚାଲିଆସିଲେ । ହଜରତ ଉମର ର ଅ ସେତେବେଳେ ମସ୍‌ଜିଦ୍‌ରେ ବସିଥିଲେ, ହଜରତ ଖାଲିଦ୍ ର ଅ ଯାଇ ତାଙ୍କୁ କହିଲେ, ହେ ଉମ୍ମେ ଶମଲାଃଙ୍କ ପୁତ୍ର ! ମୋ ନିକଟକୁ ଆସ । ଏବେ କ'ଣ କହିବାକୁ ଚାହୁଁଛ କୁହ । ହଜରତ ଉମର ର ଅ ବୁଝିନେଲେ ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କୁ କ୍ଷମା ପ୍ରଦାନ କରିବା ପରେ ଏବେ ମୁଁ ଖାଲିଦ୍‌କୁ କିଛି କହିବା ଠିକ୍ ହେବନାହିଁ । ସୁତରାଂ ହଜରତ ଉମର ର ଅ ନୀରବତାର ସହିତ ଉଠିଲେ ଏବଂ ନିଜ ଘର ଅଭିମୁଖେ ଚାଲିଗଲେ ଏବଂ ହଜରତ ଖାଲିଦଙ୍କ ସହିତ କୌଣସି କଥାବାର୍ତା ହେଲେନାହିଁ । **(ତାରିଖେ ତିବରୀ , ଖ-୦୨, ପୃ-୨୭୪,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ମାଲିକ୍‌ର ଭାଇ ମୁତମିମ୍ ବିନ୍ ନୌଏରାଃ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟରେ ନିଜ ଭାଇର କ୍ଷତିପୂରଣ ଦାବି କରିବାକୁ ଆସିଥିଲା । ପୁଣି ସେ ଏ ନିବେଦନ କରିଥିଲା ଯେ, ତାଙ୍କ କଏଦୀମାନଙ୍କୁ ମୁକ୍ତ କରିଦିଆଯାଉ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ତାଙ୍କ କଏଦୀମାନଙ୍କୁ ମୁକ୍ତ କରିବା ପାଇଁ ତା'ର ଆବେଦନ ସ୍ୱୀକାର କରିନେଇଥିଲେ ଏବଂ ଆଦେଶ ଲେଖିଦେଇଥିଲେ ଓ ମାଲିକ୍ ର କ୍ଷତିପୂରଣ ପଇଠ କରିଦେଇଥିଲେ । ହଜରତ ଉମର ର ଅ ହଜରତ ଖାଲିଦ୍ ର ଅଙ୍କ ସଂକ୍ରାନ୍ତରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ନିବେଦନ କଲେ ଯେ, ହଜରତ ଖାଲିଦ୍ ର ଅଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିଦିଆଯାଉ କାରଣ ତାଙ୍କ ତରବାରୀରେ ନୀରିହ ମୁସଲମାନମାନଙ୍କ ରକ୍ତ ଲାଗିଛି । ଏଥିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଉତର ଦେଲେ, ଏହା ହୋଇପାରିବ ନାହିଁ । କାରଣ ପ୍ରଭୁ ଯେଉଁ ତରବାରୀକୁ ଅବିଶ୍ୱାସକାରୀଙ୍କ ପାଇଁ ମୁକୁଳା କରିଛନ୍ତି ତାହାକୁ ମୁଁ ପୁଣି ନିଆମ୍ (ଅର୍ଥାତ ତରବାରୀର ଖୋଳପା)ଭିତରେ ପୁରାଇ ରଖିପାରିବି ନାହିଁ । **(ତାରିଖେ ତିବରୀ , ଖ-୦୨, ପୃ-୨୭୪,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ଯେତେବେଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ (ପୀଡ଼ିତଙ୍କର) କ୍ଷତିପୂରଣ ପଇଠ କରିଦେଲେ, ସେତେବେଳେ ଧର୍ମ ବିଧାନ ଅନୁଯାୟୀ ନ୍ୟାୟ ତ ସ୍ଥାପନ ହୋଇଗଲା । ତେଣୁ ଅତିରିକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆଉ କୌଣସି ଆବଶ୍ୟକତା ନଥିଲା । ତେଣୁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ କହିଲେ, ବର୍ତମାନ ଏହି ଘଟଣାକୁ ଉତ୍‌ଥାପିତ କରିବା ବନ୍ଦ କର ।

ତତ୍‌ସଂକ୍ରାନ୍ତରେ ଅର୍ଥାତ ମାଲିକ୍ ବିନ୍ ନୌଏରାଃର ହତ୍ୟା ସଂକ୍ରାନ୍ତରେ ଉତର ଦେଇ ଶାହ୍ ଅବ୍‌ଦୁଲ୍ ଅଜିଜ୍ ଦେହ୍‌ଲୁୱି କୁହନ୍ତି: ନୌଏରାଃର ହତ୍ୟା ପ୍ରସଙ୍ଗରେ ଯେଉଁ ଆରୋପ ରହିଛି ତାହାର ଉତର ସେ ନିଜ ପୁସ୍ତକ ତୋହ୍‌ଫା ଇସ୍‌ନା ଅସ୍‌ରିୟାରେ ଉଲ୍ଲେଖ କରିଛନ୍ତ ଯେ ପ୍ରକୃତରେ ଯେଉଁ ଘଟଣାଟି ଘଟିଥିଲା ତାହାର ମର୍ମାର୍ଥ ସେହି ଲୋକମାନେ ସଠିକ ବର୍ଣ୍ଣନା କରିନାହାନ୍ତି । ଯେପର୍ଯ୍ୟନ୍ତ ସଠିକ୍ ଓ ପ୍ରକୃତ ପରିସ୍ଥିତି ଓ ଘଟଣାର ସତ୍ୟାସତ୍ୟ ଜଣାନପଡ଼ିଛି ସେପର୍ଯ୍ୟନ୍ତ ଆପତି ଅଭିଯୋଗ କରିବା ନିରର୍ଥକ । ଆତ୍ମଜୀବନୀ ଓ ଇତିହାସର ବିଶ୍ୱାସଯୋଗ୍ୟ ପୁସ୍ତକଗୁଡିକରେ ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏହିପରି ଉଲ୍ଲେଖ ରହିଛି ଯେ ନବୁୱତ୍‌ର ଦାବି କରିଥିବା ତଲିହା ବିନ୍ ଖୁୱେଲଦ୍ ଅସ୍‌ଦି ଅଭିଯାନ ସାରି ହଜରତ ଖାଲିଦ ର ଅ ଯେତେବେଳେ ନିବୃତ ହୋଇ ବୁତାହ୍ ଉପକଣ୍ଠ ଆଡ଼କୁ ଅଗ୍ରସର ହେଲେ ଏବଂ ନିଜର ସୈନ୍ୟଟୁକୁଡ଼ି ତାହାର ଚତୁଃପାର୍ଶ୍ୱକୁ ପ୍ରେରଣ କଲେ ସେତେବେଳେ ସେ ନବି କରିମ୍ ସ ଆ ସଙ୍କ ଆଦେଶ ତଥା ଶୈଳୀ ମୁତାବକ ସେମାନଙ୍କୁ ଆଦେଶ ଦେଇଥିଲେ ଯେ, ଯେତେବେଳେ ତୁମେ କୌଣସି କବିଲା , ଗୋଷ୍ଠୀ ଉପରେ ଆକ୍ରମଣ କର ବା ତାହା ନିକଟଦେଇ ଯାଉଥାଅ , ସେତେବେଳେ ଯଦି ତୁମକୁ ଅଜାନ୍ ଶୁଭେ ତେବେ ତୁମେ ସେଠାରେ ହତ୍ୟାକାଣ୍ଡ ଭିଆଇବ ନାହିଁ । ଯଦି ଅଜାନ୍ ନ ଶୁଭେ ତେବେ ତାହାଙ୍କୁ ଯୁଦ୍ଧର କେନ୍ଦ୍ରସ୍ଥଳୀ ବୋଲି ବିବେଚିତ କରି ସେମାନଙ୍କ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଦୈବାତ୍ ଉକ୍ତ ସୈନ୍ୟଟୁକୁଡ଼ିରେ ମହୋଦୟ ଅବୁ କତାଦାଃ ଅନ୍‌ସାରୀ ନାମକ ଜଣେ ବ୍ୟକ୍ତି ମଧ ଥିଲେ, ଯିଏ କି ମାଲିକ୍ ବିନ୍ ନୌଏରାଃକୁ ଧରି ହଜରତ ଖାଲିଦ ର ଅଙ୍କ ନିକଟକୁ ଆଣିଥିଲେ,ଯାହାଙ୍କୁ ନବୀ କରିମ୍ ସ ଆ ସଙ୍କ ପକ୍ଷରୁ ବୁତାହ୍‌ର ସର୍ଦାରୀ ପଦ ପ୍ରାପ୍ତ ହୋଇଥିଲା ଏବଂ ସେହି ଇଲାକାର ଆଖପାଖରେ ଥିବା ଅଂଚଳରେ କର ଆଦାୟ କରିବାର ଦାୟିତ୍ୱ ମଧ ତାହା ଉପରେ ନ୍ୟସ୍ତ ଥିଲା । ହଜରତ୍ ଅବୁ କତାଦାଃ ଅଜାନ୍ ଶୁଣିଛନ୍ତି ବୋଲି ଯେତେବେଳେ ସାକ୍ଷ୍ୟ ଦେଲେ, ସେତେବେଳେ ସେହି ସୈନ୍ୟଟୁକୁଡ଼ିର ଏକ ଗୋଷ୍ଠୀ କହିବାକୁ ଲାଗିଲେ ଯେ, ଆମେମାନେ ଅଜାନ୍‌ର ସ୍ୱର ଶୁଣିନାହୁଁ କିନ୍ତୁ ତାପୂର୍ବରୁ ଆଖପାଖର ବିଶ୍ୱସ୍ତଙ୍କ ମାଧ୍ୟମରେ ଏକଥା ଦୃଢ଼ିଭୁତି ଓ ପ୍ରମାଣିତ ହୋଇସାରିଥିଲା ଯେ, ନବୀ କରିମ୍ ସ ଆ ସଙ୍କ ଦେହାବସାନର ସମ୍ବାଦ ଶୁଣି ମାଲିକ୍ ବିନ୍ ନୌଏରାଃର ପରିବାର ଖୁବ୍ ଉଲ୍ଲାସ ଓ ଆନନ୍ଦରେ ଉତ୍ସବ ପାଳନ କରିଛନ୍ତି । ସେମାନେ ଆୟୋଜନ କରିଥିଲେ ଏବଂ ହଜୁର ସ ଆ ସଙ୍କ ସ୍ୱର୍ଗାବାସରେ ସେମାନେ ଖୁସି ହୋଇଥିଲେ । ମହିଳାମାନେ ହାତରେ ମେହେନ୍ଦି ଲେପନ କରି ଢ଼ୋଲ ବାଇଦ ବଜାଇଥିଲେ । ମୁସଲମାନମାନଙ୍କର ଏହି ବିପତି ସମୟରେ ସେମାନେ ପ୍ରସନ୍ନିତ ଥିଲେ । ଏତଦ୍‌ପରେ ଆଉ ଏକ ଅତିରିକ୍ତ କଥା ହୋଇଥିଲା ଯେ, ମାଲିକ୍ ବିନ୍ ନୌଏରାଃ ସହିତ ପ୍ରଶ୍ନୋତର ସମୟରେ ହଜୁର ସ ଆ ସଙ୍କ ପାଇଁ ତା ତୁଣ୍ଡରୁ ଏଭଳି ଶବ୍ଦମାନ ବାହାରିଥିଲା ଯାହାକୁ ବିଧର୍ମୀମାନେ ନିଜ ବାର୍ତାଳାପ ସମୟରେ ବ୍ୟବହାର କରିଥାନ୍ତି । ଉଦାହରଣ ସ୍ୱରୂପ ସେମାନେ କହିଥାନ୍ତି ଯେ **କାଲା ରଜୁଲୁକୁମ୍ ଅଓ ସାହିବୁକୁମ୍** ଅର୍ଥାତ ତୁମର ଲୋକ ଓ ତୁମର ବନ୍ଧୁ ଏହିଭଳି ହିଁ କହିଛନ୍ତି । ଏତଦ୍‌ଭିନ୍ନ ଏକଥା ମଧ୍ୟ ସ୍ପଷ୍ଟ ହୋଇଯାଇଥିଲା ଯେ, ହଜୁର ସ ଆ ସଙ୍କ ବିୟୋଗ କଥା ଶୁଣି ମାଲିକ୍ ବିନ୍ ନୌଏରାଃ ଆଦାୟ କରିଥିବା କରକୁ ନିଜ ସମ୍ପ୍ରଦାୟକୁ ଏହା କହି ଫେରସ୍ତ କରିଦେଲା

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । *(ନାଜିର୍ ଇସ୍‌ଲାହ୍ ୱ୍ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 04-11 Aug 2022 Issue No. 31-32

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.12/-) (**WEIGHT** - 20-50gms/issue)


ଯେ, ନଉଜୁବିଲ୍ଲା ଭଲ ହେଲା ସେହି ବ୍ୟକ୍ତିର ମୃତ୍ୟୁ ଯୋଗୁଁ ତୁମେମାନେ ବିପତିରୁ ନିସ୍ତାର ପାଇଲ । ସେହି ସବୁ ପରିସ୍ଥିତି ଦେଖି ଓ ନିଜ ସମ୍ମୁଖରେ ତା ବାର୍ତାଳାପର ଶୈଳୀକୁ ଦେଖି ହଜରତ ଖାଲିଦ୍ ର ଅ ଙ୍କୁ ମାଲିକ୍ ବିନ୍ ନୌଏରାଃର ବିଧର୍ମୀ ଓ ସ୍ୱଧର୍ମରୁ ଓହରି ଯିବା ଘଟଣା ବିଶ୍ୱାସରେ ପ୍ରମାଣିତ ହୋଇଥିଲା । ତେଣୁ ସେ ତାକୁ ହତ୍ୟା କରବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯେବେ ମଦିନାରେ ଏହି ଘଟଣାର ସୂଚନା ମିଳିଲା ,ଏବଂ ପୁନଶ୍ଚ ମହୋଦୟ ଅବୁ କତାଦାଃ ମଧ ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କଠାରୁ କ୍ଷୁବ୍ଧ ହୋଇ ଦାରୁଲ୍ ଖିଲାଫତ୍ ପହଂଚିଲେ ଏବଂ ଖାଲିଦ ର ଅଙ୍କୁ ଦୋଷୀ ଭାବରେ ଦାୟୀ କରିଥିଲେ । ଅତଃ ପ୍ରାରମ୍ଭରେ ହଜରତ ଉମର ଫାରୁକ ର ଅଙ୍କର ମଧ୍ୟ ଏହି ଧାରଣା ଥିଲା ଯେ, ଅକାରଣରେ ମୁଣ୍ଡ ଗଡ଼ିଲା ଏବଂ କ୍ଷତିପୂରଣ ଅନିବାର୍ଯ୍ୟ ହୋଇପଡିଲା । କିନ୍ତୁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଖାଲିଦ ର ଅଙ୍କୁ ଡ଼କାଇଲେ ଏବଂ ଘଟଣା ସମ୍ପର୍କରେ ଅର୍ଥାତ ଉକ୍ତ ଘଟଣାର ସତ୍ୟାସତ୍ୟ ପ୍ରସଙ୍ଗରେ ଜାଣିବାକୁ ତାଙ୍କୁ ପ୍ରଶ୍ନ କଲେ । ତେବେ ତାଙ୍କ ଉପରେ ଯେତେବେଳେ ସତ୍ୟ ପ୍ରକାଶ ହେଲା ଯେ, ହଜରତ ଖାଲିଦ ର ଅ ନିର୍ଦ୍ଦୋଶ ଅଟନ୍ତି ,ସେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ନିର୍ଦ୍ଦୋଶ ବିବେଚିତ କରି ତାଙ୍କୁ କ୍ଷମା କରିଦେଇଥିଲେ ଏବଂ ତାଙ୍କୁ ତାଙ୍କ ପୂର୍ବ ପଦବୀରେ ବଜାୟ ରଖିଲେ । **(ତୋହଫା ଇସନା ଅଶରିୟା ଉର୍ଦ୍ଦୁ , ପୃ-୫୧୭-୫୧୮ , ମୁତରଜିମ୍ ଖଲିଲୁର୍ ରହମାନ୍ ନୁମାନୀ ଦାରୁଲ୍ ଇଶାଅତ୍ କରାଚି ୧୯୮୨)**

ମାଲିକ୍ ବିନ୍ ନୌଏରାଃକୁ ବନ୍ଧ କରାଯିବା ସମ୍ପର୍କରେ ଆଉ ଜଣେ ଲେଖକ ଉଲ୍ଲେଖ କରନ୍ତି ଯେ : ମାଲିକ୍ ବିନ୍ ନୌଏରାଃ ସମ୍ପର୍କୀୟ ବର୍ଣ୍ଣନାରେ ଅନେକ ମତଭେଦ ରହିଛି । ଏହି ମତଭେଦ ରହିଛି ଯେ କ'ଣ ମାଲିକ୍ ବିନ୍ ନୌଏରାଃଙ୍କୁ ଅନ୍ୟାୟରେ ବନ୍ଧ କରାଯାଇଥିଲା ବା ସେ ହତ୍ୟା ହେବାର ପାତ୍ର ଥିଲା ? ଅତଏବ ଯେଉଁ ବସ୍ତୁ ମାଲିକ୍ ବିନ୍ ନୌଏରାଃର ବିନାଶର କାରଣ ହୋଇଥିଲା ତାହା ତା'ର ଅହମିକା ଓ ଅହଙ୍କାର ହିଁ ଥିଲା । ତା ହୃଦୟରେ ମୂର୍ଖତା ହିଁ ବାକି ରହିଯାଇଥିଲା । ଅନ୍ୟଥା ହଜୁର ସ ଆ ସଙ୍କ ଦେହାନ୍ତ ପରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଆଜ୍ଞାନୁବର୍ତିତା ଏବଂ ବଇତୁଲ୍ ମାଲ୍‌ର ଅନିବାର୍ଯ୍ୟ ଜକାତ୍ ପଇଠ କରିବାରେ କେବେବି ସେ ଟାଳମଟଳ କରିନଥାନ୍ତା । ପୁଣି ସେହି ଲେଖକ ଉଲ୍ଲେଖ କରିଛନ୍ତି ଯେ ମୋ ବିଚାରରେ ମାଲିକ୍ ବିନ୍ ନୌଏରାଃ ଅଧିପତିତ୍ୱର ଅଭିଳାଷୀ ଥିଲା । ତତ୍‌ସହିତ ବନୁ ତମିମ୍‌ର ଅଧିପତିଙ୍କ ମଧ୍ୟରୁ ନିଜର କେତେକ ସମ୍ପର୍କୀୟଙ୍କ ପ୍ରତି ଈର୍ଷାଭାବ ମଧ ପୋଷଣ କରୁଥିଲା କାରଣ ସେମାନେ ଇସ୍‌ଲାମୀୟ ଖିଲାଫତ୍‌ର ବଶ୍ୟତା ସ୍ୱୀକାର କରିନେଇଥିଲେ ଏବଂ ସ୍ୱହୃଦୟରୁ ଖିଲାଫତ ପ୍ରତି ଆଜ୍ଞାକାରୀ ଥିଲେ ଏବଂ ନିଜ କର୍ତବ୍ୟ ସମ୍ପାଦନ କରିବା ପ୍ରତି ଉତ୍ସର୍ଗୀତ ଥିଲେ । ସେମାନେ ଜକାତ୍ ପଇଠ କରୁଥିଲେ । ସେମାନଙ୍କ ପ୍ରତି ମାଲିକ ବିନ୍ ନୌଏରାଃ ବିଦ୍ୱେଶ ଓ ଈର୍ଷାଭାବ ପ୍ରକାଶ କରୁଥିଲା । ତେଣୁ ମାଲିକ୍ ବିନ୍ ନୌଏରାଃର କଥନ ଏବଂ କାର୍ଯ୍ୟ ଉଭୟ ଉକ୍ତ ବିଚାରାଧାରାର ସମର୍ଥନ କରୁଥିଲା । ମାଲିକ୍ ବିନ୍ ନୌଏରାଃ ବିଧର୍ମୀ ପାଲଟି ଯିବା ଓ ସଜାହକୁ ସମର୍ଥନ କରିବା, ଜକାତ୍‌ର ଓଟକୁ ନିଜ ଲୋକମାନଙ୍କ ମଧ୍ୟରେ ବାଂଟିଦେବା ଓ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ଜକାତ୍ ଦେବାରୁ ନିବୃତ ରହିବା ଏହି ସମସ୍ତ ଘଟଣାବଳୀ ତାହାକୁ ଦୋଷୀ ସାବ୍ୟସ୍ତ କରୁଥିଲା ଏବଂ ତହିଁରୁ ଏହା ସ୍ପଷ୍ଟ ହେଉଅଛି ଯେ, ଉକ୍ତ ବ୍ୟକ୍ତି ଜଣକ ଇସ୍‌ଲାମ୍ ଅପେକ୍ଷା ଅବିଶ୍ୱାସକାରୀର ଅଧିକ ନିକଟତର ଥିଲା । ଏକପକ୍ଷରେ ଉକ୍ତ ବ୍ୟକ୍ତି ନିଜକୁ ମୁସଲମାନ କହୁଥିଲା ତ ଅନ୍ୟ ପକ୍ଷରେ ଅସ୍ୱୀକାର ଓ ଅବିଶ୍ୱାସକାରୀଙ୍କ ସାଥିରେ ସାମିଲ ଥିଲା ତେଣୁ ମାଲିକ୍ ବିନ୍ ନୌଏରାଃ ବିରୋଧରେ କୌଣସି ଯୁକ୍ତି ପ୍ରମାଣ ଯୋଗ୍ୟ ନଥିଲା ଯେ ତାହାକୁ କ୍ଷମା କରିଦିଆଯାଇଥାନ୍ତା ।

ଇବ୍‌ନେ ଅବ୍‌ଦୁସ୍ ସଲାମ୍‌ର ପୁସ୍ତକ **ତବକାତ୍ ଫୁହୁଲୁଶ୍ ଶୋଅରାଃ**ରେ ଏହା ଉଲ୍ଲେଖିତ ରହିଛି ଯେ, ଏକଥା ସର୍ବସମ୍ମତ ଯେ ହଜରତ ଖାଲିଦ ର ଅ ମାଲିକ୍ ବିନ୍ ନୌଏରାଃ ସହିତ ବାର୍ତାଳାପ କରିଥିଲେ । ତାକୁ ତା ଧର୍ମମତରୁ ଓହରି ଯିବା ନିମନ୍ତେ ଚେଷ୍ଟା କରିଥିଲେ କିନ୍ତୁ ମାଲିକ ନମାଜକୁ ତ ଗ୍ରହଣ କଲା । ସେ କହିଲା ମୁଁ ନମାଜ ତ ପଢିନେବି କିନ୍ତୁ ଜକାତ ଦେବାପାଂଇ ମନାକଲା । ମୁସ୍‌ଲିମ୍‌ର ଶରାଃରେ ଇମାମ୍ ନୁୱି ମୁର୍ତଦ୍ଦୀନ ଅର୍ଥାତ ଇସଲାମକୁ ପରିତ୍ୟାଗ କରିଥିବା ଲୋକମାନଙ୍କ ସମ୍ପର୍କରେ କୁହନ୍ତି: ମୁର୍ତଦ୍ଦୀନମାନଙ୍କ ମଧ୍ୟରେ ଏଭଳି ପୂଣ୍ୟବାନ ଲୋକମାନେ ମଧ ରହିଥିଲେ ଯେଉଁମାନେ ଜକାତ୍ ଦେବାକୁ ସହମତି ପ୍ରକାଶ କରିଥିଲେ କିନ୍ତୁ ସେମାନଙ୍କର ଅଧିପତିମାନେ ସେମାନଙ୍କୁ ତହିଁରୁ ଅଟକାଇଥିଲେ । କେତେକ ଲୋକମାନେ ଏହା ଚାହୁଁଥିଲେ ଯେ ଜକାତ୍ ଦେବେ କାରଣ ଜକାତ୍ ନମାଜ ସହିତ ବାଧତାମୂଳକ ଓ ଅନିବାର୍ଯ୍ୟ କିନ୍ତୁ ସେହି ବିଧର୍ମୀ ଅଧିପତିମାନେ ପୂଣ୍ୟବାନ ବିଶ୍ୱାସକାରୀଙ୍କ ହସ୍ତ ଧରି ନେଇଥିଲେ ତାଙ୍କୁ ଅଟକାଇଥିଲେ ଏବଂ ଜକାତ୍ ପଇଠ କରିବାରୁ ବାରଣ କରିଥିଲେ । ଯେମିତି କି ଗୋଟିଏ ସମ୍ପ୍ରଦାୟ ହେଉଛି ବନୁ ୟର୍‌ବୁ ସମ୍ପ୍ରଦାୟ ଯିଏ ନିଜର ଜକାତ୍ ଏକତ୍ରିତ କରି ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ନିକଟକୁ ପ୍ରେରଣ କରିବାକୁ ଇଚ୍ଛା ପ୍ରକାଶ କରୁଥିଲେ କିନ୍ତୁ ମାଲିକ୍ ବିନ୍ ନୌଏରାଃ ସେମାନଙ୍କୁ ସେଥିରୁ ବିରତ ରଖିଥିଲେ ଏବଂ ସେମାନଙ୍କର ଜକାତ୍‌କୁ ଲୋକମାନଙ୍କୁ ବାଂଟି ଦେଇଥିଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ମାଲିକ୍ ବିନ୍ ନୌଏରାଃ ସଂକ୍ରାନ୍ତରେ ଏହି ପ୍ରସଙ୍ଗରେ ପୂର୍ଣ୍ଣ ଗବେଷଣା ଓ ଅନୁସନ୍ଧାନ କଲେ, ସେଥିଅନ୍ତେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ହଜରତ ଖାଲିଦ୍ ବିନ୍ ୱଲିଦ୍ ର ଅ ମାଲିକ୍ ବିନ୍ ନୌଏରାଃକୁ ବନ୍ଧକରି କୌଣସି ଗୁରୁତର ଅପରାଧ କରିନାହାନ୍ତି । ସେ ସମ୍ପୁର୍ଣ୍ଣ ରୂପେ ନିର୍ଦ୍ଦୋଷ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଏ ପ୍ରସଙ୍ଗରେ ଘଟଣାର ସତ୍ୟାସତ୍ୟ ସମ୍ପର୍କରେ ବେଶ୍ ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ କାରଣ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଖଲିଫା ଥିଲେ, ସମସ୍ତ ସୂଚନା ଆପଣ ର ଅଙ୍କୁ ପ୍ରାପ୍ତ ହେଉଥିଲା । ହଜରତ ଖାଲିଦ୍ ର ଅଙ୍କ ସହିତ ତାଆମୁଲ୍ ଅର୍ଥାତ କାର୍ଯ୍ୟରେ ସେ ହଜୁର ସ ଆ ସଙ୍କ ଅନୁକରଣ କରୁଥିଲେ ଏବଂ ହଜୁର ସ ଆ ସ ତାଙ୍କ ଉପରେ ବିଶେଷ ଦାୟିତ୍ୱ ନ୍ୟସ୍ତ କରିଥିଲେ ଏବଂ କଦାପି ତାଙ୍କ ପଦରୁ ତାଙ୍କୁ ବହିଷ୍କୃତ କରିନଥିଲେ । ଯଦିଓ ତାଙ୍କ ଦ୍ୱାରା ତାଙ୍କ ଦ୍ୱାରା ଏପରି କିଛି କାର୍ଯ୍ୟ ସମ୍ପାଦିତ ହୋଇଥିଲା ତହିଁରୁ ହଜରତ ମୁହମ୍ମଦ ସ ଆ ସ ସନ୍ତୁଷ୍ଟ ନଥିଲେ । ହଜୁର ସ ଆ ସ ହଜରତ ଖାଲିଦ ର ଅଙ୍କ ଦୋଷକୁ କ୍ଷମା କରଦେଉଥିଲେ ଏବଂ ଲୋକମାନଙ୍କୁ କହୁଥିଲେ ଯେ, ହେ ଲୋକମାନେ ହଜରତ ଖାଲିଦ ର ଅଙ୍କୁ କଷ୍ଟ ଦିଅନାହିଁ କାରଣ ସେ ଅଲ୍ଲାଃ ତାଲାଙ୍କ ଖଣ୍ଡା ମଧ୍ୟରୁ ଗୋଟିଏ ବିଶେଷ ଖଣ୍ଡା ଅଟନ୍ତି ଯେଉଁ ଖଣ୍ଡାକୁ ଅଲ୍ଲାଃ ତାଲା ଅବିଶ୍ୱାସକାରୀମାନଙ୍କ ଉପରେ ଟାଣିରଖିଛନ୍ତି ।**(ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ୱ କାରନାମେ ଅଜ୍ ଡାକ୍ତର ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ , ପୃ-୩୩୦-୩୩୪, ମକତବଃ ଅଲଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍ )**

ପୁନଶ୍ଚ ତତ୍‌ସଂକ୍ରାନ୍ତରେ ଆଉ ଏକ ଆପତି ଓ ଅଭିଯୋଗ ମଧ ମିଳେ ଯେ, ହଜରତ ଖାଲିଦ ର ଅ ଉମ୍ମେ ତମିମ୍ ବିନତ୍ ମିନ୍‌ହାଲ୍‌ଙ୍କ ସହିତ ବିବାହ କରିଥିଲେ । ହଜରତ ଖାଲିଦ ର ଅ ଙ୍କ ଉପରେ ଏହି ଆରୋପ ମଧ ଲଗାଯାଏ ଯେ, ହଜରତ ଖାଲିଦ୍ ଯୁଦ୍ଧ ସମୟରେ ଲୈଲା ବିନତ୍ ମିନ୍‌ହାଲଙ୍କ ସହିତ ବିବାହ କରିଥିଲେ ଏବଂ ତାଙ୍କ ଇଦ୍ଦତ୍ ଅତିକ୍ରମ ହେବାକୁ ମଧ ସେ ଅପେକ୍ଷା କରିନଥିଲେ । ସେହି ବିବାହ ସମ୍ପର୍କରେ ତବ୍‌ରିର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ ହଜରତ ଖାଲିଦ ର ଅ ଉମ୍ମେ ତମିମ୍ ମିନ୍‌ହାଲ୍‌ଙ୍କ ସୁପୁତ୍ରୀଙ୍କୁ ନିକାହ୍ କରିଥିଲେ ଏବଂ ତାଙ୍କ ତୁହର୍ ଅର୍ଥାତ ପବିତ୍ର ଅବସ୍ଥା ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । କାରଣ ଆରବୀୟମାନେ ଯୁଦ୍ଧ ସମୟରେ ମହିଳାମାନଙ୍କ ସହିତ ଶାରିରୀକ ସମ୍ପର୍କ ସ୍ଥାପନ କରିବାକୁ ଘୃଣା କରୁଥିଲେ ଏବଂ ଯେଉଁ ବ୍ୟକ୍ତି ଏପରି କାର୍ଯ୍ୟ କରୁଥିଲା ତାକୁ ସେମାନେ ଆକ୍ଷେପ ଓ ବ୍ୟଙ୍ଗ ବିଦୃପ କରୁଥିଲେ । **(ତାରିଖେ ତିବରୀ , ଖ-୦୨, ପୃ-୨୭୩,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ଅଲାମା ଇବ୍‌ନେ କସିର୍ ଉଲ୍ଲେଖ କରନ୍ତି ଯେ ଯେତେବେଳେ ସେ ଅର୍ଥାତ ଉମ୍ମେ ତମିମ୍ ଲୈଲା ବିନତ୍ ମିନ୍‌ହାଲ୍ ହଲାଲ୍ (ଅର୍ଥାତ ଶାରିରୀକ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ବୈଧ) ହୋଇଗଲେ , ସେତେବେଳେ ହଜରତ ଖାଲିଦ୍ ର ଅ ତାଙ୍କ ସହିତ ବିବାହ କରିଥିଲେ । **(ଅଲବିଦାୟତୁନ୍ ନହାୟାଃଲି ଇବନେ କସିର୍ , ଖ-୦୩, ପୃ-୩୧୮ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)**

ଅଲାମା ଇବ୍‌ନେ ଖିଲ୍‌କାନ୍ ଉଲ୍ଲେଖ କରିଛନ୍ତି ଯେ ଉମ୍ମେ ତମିମ୍ ତିନିମାସ କାଳ ନିଜ ଇଦ୍ଦତ୍‌କୁ ବିତାଇଲେ ଏବଂ ସେହି ସମୟ ଅତିକ୍ରମ କରିସାରିବା ପରେ ହଜରତ ଖାଲିଦ ର ଅ ତାଙ୍କ ନିକଟକୁ ନିକାହ୍‌ର ପ୍ରସ୍ତାବ ପ୍ରେରଣ କରିଥିଲେ ,ଯାହାକୁ ଉମ୍ମେ ତମିମ୍ ଲୈଲା ବିନତ୍ ମିନ୍‌ହାଲ୍ ସ୍ୱୀକାର କରିନେଇଥିଲେ ।**(ୱଫିୟାତୁଲ୍ ଆୟାନ୍ ,ଭା-୦୫, ପୃ-୧୦ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୧୯୯୮)**

ହଜରତ ଶାହ୍ ଅବ୍‌ଦୁଲ୍ ଅଜିଜ୍ ଦେହ୍‌ଲୱି ଉକ୍ତ ଆପତିର ଉତର ପ୍ରଦାନ କରି ଉଲ୍ଲେଖ କରନ୍ତି ଯେ ବାସ୍ତବ ପକ୍ଷେ କହିବାକୁ ଗଲେ ଏହି ଘଟଣାଟି ସମ୍ପୁର୍ଣ୍ଣ ରୂପେ ମନଗଢ଼ା ଓ କାଳ୍ପନିକ । କାରଣ କୌଣସି ନିର୍ଭରଯୋଗ୍ୟ ପୁସ୍ତକରେ ଏଭଳି କୌଣସି ପ୍ରାମାଣିକ ବର୍ଣ୍ଣନା ଦେଖିବାକୁ ମିଳୁନାହିଁ । କେତେକ ଅବିଶ୍ୱସନୀୟ ପୁସ୍ତକରେ ଯଦି ଏପରି ବର୍ଣ୍ଣନା ମଧ ଦେଖିବାକୁ ମିଳେ, ତା'ର ଉତର ମଧ ତତ୍‌ସମ୍ପର୍କିତ ବର୍ଣ୍ଣନାରେ ଉପସ୍ଥିତ ରହିଛି । ଯେ ମାଲିକ ବିନ୍ ନୌଏରାଃ ଉକ୍ତ ମହିଳାଙ୍କୁ ଅର୍ଥାତ ନିଜ ପତ୍ନୀଙ୍କୁ ବହୁ ଦିନ ହେବ ଛାଡ଼ପତ୍ର ଦେଇ ନିଜ ଘରେ ରଖିଦେଇଥିଲେ । ଯାହାକି ଆରବୀୟ କୁପ୍ରଥାର ଏକ ଅନୁକରଣ ଥିଲା । ଏହି ଆରବୀୟ ପରମ୍ପରାକୁ ଶେଷ କରିବା ନିମନ୍ତେ ପବିତ୍ର କୁରଆନରେ ଏହି ଆୟତ ଅବତୀର୍ଣ୍ଣ ହୋଇଥିଲା । **ୱ ଇଜା ତଲ୍ଲକତୁମୁନ୍ ନିସାଆ ଫବଲଗନା ଅଜଲହୁନ୍ନା ଫଲା ତାଜୁଲୁହୁନ୍ନା** ଅର୍ଥାତ ତୁମେ ଯେବେ ନିଜର ପତ୍ନୀକୁ ତଲାକ୍ ଦେଇଦିଅ ଏବଂ ତାଙ୍କର ଇଦ୍ଦତ୍ (ଅଲଗା ହୋଇ ରହିବାର ଧାର୍ଯ୍ୟ ସମୟ ସୀମା)ପୂରଣ ହୋଇଯାଏ , ସେତେବେଳେ ତଙ୍କୁ ନିଜ ଘରେ ନିଜ ନିକଟରେ ଅଟକାଇ ରଖନାହିଁ । ଅତେବ ସେହି ମହିଳାଙ୍କ ଇଦ୍ଦତ୍ କେବେଠାରୁ ପୂରଣ ହୋଇସାରିଥିଲା ଏବଂ ନିକାହ ତାଙ୍କ ପାଇଁ ହଲାଲ୍ (ବୈଧ)ହୋଇସାରିଥିଲା । **(ତୋହଫା ଇସନା ଅଶରିୟା ମୁତରଜିମ୍ ଖଲିଲୁର୍ ରହମାନ୍ ନୁମାନୀ, ପୃ-୫୧୮ ମୁଦ୍ରଣ ଦାରୁଲ୍ ଇଶାଅତ୍ କରାଚି ୧୯୮୨)** କାରଣ ସେ ତଲାକ ଦେଇଦେବା ପରେ କେବଳ ନିଜ ଘରେ ସେହି ମହିଳାଙ୍କୁ ରଖିଥିଲା ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ.....*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan